## ସଂକ୍ଷେପରେ

### ବୟାଙ୍ଗଡିହୀ ସରପଞ୍ଚ ପୁନର୍ବାର ଅଯୋଗ୍ୟ ଘୋଷିତ

**ତଳ କୋର୍ଟ ରାୟକୁ କାଏମ ରଖିଲେ ଜିଲା ଜଜ୍**

ଭଦ୍ରକ,୧୪।୩(ସନାତନ ରାଉତ)

ଭଦ୍ରକ ଜିଲା ଧାମନଗର ବ୍ଲକ ବୟାଙ୍ଗଡିହୀ ସରପଞ୍ଚ କୁନ୍ତଳା ମଲ୍ଲିକ ଓଡ଼ିଆ ଲେଖାପଢ଼ା ଜାଣି ନ ଥିବାରୁ ୨୦୨୩ ଅଗଷ୍ଟ ୩୧ରେ ମିସ୍‌କେସ୍ (ନଂ .୧/୨୦୨୨) ଧାମନଗର ସିଭିଲ ଜଜ୍ ଜୁନିୟର ଡିଭିଜନ କୋର୍ଟରେ ପଦ ଅସିଦ୍ଧ ଘୋଷଣା କରାଯାଇଥିଲା। ପଞ୍ଚାୟତ ନିର୍ବାଚନରେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାରତୀ ବେହେରାଙ୍କ ଅଭିଯୋଗକ୍ରମେ କୋର୍ଟ ସରପଞ୍ଚ ପଦ ଅଯୋଗ୍ୟ ବିବେଚିତ କରିବା ସହ ସାନି ନିର୍ବାଚନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ଚ୍ୟାଲେଞ୍ଜ କରି ସରପଞ୍ଚ କୁନ୍ତଳା ମଲ୍ଲିକ ଭଦ୍ରକ ଜିଲା ଜଜ୍ କୋର୍ଟରେ ଅପିଲ ନଂ. ଏଫ୍ ଏଓ ନଂ ୮୭/୨୦୨୩ ଦାଖଲ କରିଥିଲେ। ୧୩ ତାରିଖରେ ଏହି ଅପିଲର ବିଚାର କରି ଜିଲା ଜଜ୍ ସଂଗ୍ରାମ କେଶରୀ ପଟ୍ଟନାୟକ ତଳ କୋର୍ଟରେ ନିଆଯାଇଥିବା ଏଭିଡେନ୍ସକୁ ତର୍ଜମା କରି କୁନ୍ତଳା ନିରକ୍ଷର ମହିଳା ଥିବାରୁ ସରପଞ୍ଚ ଭାବେ କାର୍ଯ୍ୟ ତୁଲାଇବା ପାଇଁ ଅଯୋଗ୍ୟ ବୋଲି ଘୋଷଣା କରିଛନ୍ତି। ତଳ କୋର୍ଟ ରାୟକୁ କାଏମ ରଖିଛନ୍ତି। ଜିଲା କୋର୍ଟରେ ବରିଷ୍ଠ ଅଧିବକ୍ତା କଲ୍ୟାଣ କୁମାର ଦାସ ମକଦ୍ଦମା ଲଢ଼ୁଥିଲେ।

### 'ସେବା ପାଇଁ ମାୟାଧରଙ୍କ ଜୀବନ ଉତ୍ସର୍ଗୀକୃତ ଥିଲା'

ତିହିଡ଼ି,୧୪।୩ (ସଞ୍ଜିତ ବଳ)

ତିହିଡ଼ି ବ୍ଲକ ବିଲଣା ପଞ୍ଚାୟତର ବାସନ୍ତୀନଗରରେ ସ୍ୱର୍ଗତ ଡା. ମାୟାଧର ପଣ୍ଡାଙ୍କ ଦ୍ୱାଦଶାହ ଉପଲକ୍ଷେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ତ୍ୟାଗଭୂମି ସମ୍ମେଳନର ସଭାପତି ଅଜୟ କୁମାର ନାୟକଙ୍କ ସଞ୍ଚାଳନରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ପ୍ରବଚକ ପଣ୍ଡିତ ବୀରେନ୍ଦ୍ର ପଣ୍ଡା, ବରେଣ୍ୟ ଅତିଥି ଜିଲା ପରିଷଦ ସଭ୍ୟା ସୁଶ୍ରୀ ବିଦ୍ୟୁତଲତା ନାୟକ, ଡ. ବିଶ୍ୱରଞ୍ଜନ ଦାସ, ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ପୂର୍ବତନ ସଭାପତି ରଘୁନାଥ ଲେଙ୍କା, ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ ଯୋଗଦେଇ ସେବା ପାଇଁ ଡା.ପଣ୍ଡାଙ୍କ ଜୀବନ ଉତ୍ସର୍ଗୀକୃତ ଥିଲା ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଆମ ଓଡ଼ିଶା ନବୀନ ଓଡ଼ିଶା ଜିଲା ସଂଯୋଜକ ଡା. ସଞ୍ଜୟ କୁମାର ଦାସ, ପୂର୍ବତନ ଜିଲା ପରିଷଦ ସଭ୍ୟ ଦେବେନ୍ଦ୍ର ପୁହାଣ, ସରପଞ୍ଚ ଉଦ୍ଧବ ଚରଣ ନାୟକ, ସରପଞ୍ଚଙ୍କ ପ୍ରତିନିଧି ବିଷ୍ଣୁଚରଣ ଜେନା, ସମିତିସଭ୍ୟ ଜୟପ୍ରକାଶ ମଲିକ, ଭାଗୀରଥି ମଲିକ, ପୂର୍ବତନ ସରପଞ୍ଚ ଶରତ ମଲିକ, ଗୋଲକ ସାମଲ, ତପନ କୁମାର ମିଶ୍ର, ଲକ୍ଷ୍ମୀକାନ୍ତ ମହାପାତ୍ର ପ୍ରମୁଖ ସ୍ମୃତିଚାରଣ କରିଥିଲେ। ସାନନ୍ଦ ପଣ୍ଡା, ପ୍ରବୀର ପଣ୍ଡା, ସୁଧୀର ପଣ୍ଡା, ରବୀନ୍ଦ୍ର ପଣ୍ଡା, ଶିଶିର ପଣ୍ଡା, ଦିଲୀପ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ କ୍ରୀତିକ୍ରିଷ୍ଟା

ଧାମନଗର,୧୪।୩ (ସନ୍ତୋଷ କୁମାର ମହାପାତ୍ର)

ପିଲାଟି ବେଳୁ ଚିତ୍ରକଳା ପ୍ରତି ତାଙ୍କର ଅହେତୁକ ଦୁର୍ବଳତା ଥିଲା। ଧୀରେ ଧୀରେ ଏଥିପ୍ରତି ଆଗ୍ରହ ବଢ଼ିବା ସହ ଜୀବନ୍ତ ଚିତ୍ର ଆଙ୍କି ପ୍ରଶଂସା ସାଉଣ୍ଟିଥିଲେ। ଆଉ ଏହି ପ୍ରତିଭା ତାଙ୍କୁ ବିଭିନ୍ନ କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ଦେଇଛି। ବ୍ଲକସ୍ତରରୁ ଜିଲା, ରାଜ୍ୟ ଓ ଜାତୀୟ ସ୍ତରରେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ଲାଭ କରିବା ସହ ଅନ୍ତର୍ଜାତୀୟସ୍ତରରେ ଭାଗ ନେଇ ମଧ୍ୟ ସଫଳତା ହାସଲ କରିଛନ୍ତି। ଏହି ପ୍ରତିଭା ଯୋଗୁ ଏବେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍-୨୦୨୪ରେ ସ୍ଥାନ ପାଇ ଜିଲା ଓ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ କଟସାହି ପଞ୍ଚାୟତ ବଉଳନାଳି ଶାସନର ଚିତ୍ରଶିଳ୍ପୀ କ୍ରୀତିକ୍ରିଷ୍ଟା ପଣ୍ଡା(୧୯)।



କ୍ରୀତିକ୍ରିଷ୍ଟା ପଣ୍ଡା

ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ରମାନାଥ ପଣ୍ଡାଙ୍କ ଅଣନାତୁଣୀ, ଆଇନଜୀବୀ ସ୍ନେହାଶିଷ ପଣ୍ଡା ଓ ଶାଖା ଡାକ ଅଧିକାରିଣୀ ତିଳୋତ୍ତମା ମିଶ୍ରଙ୍କ ବଡ଼ଝିଅ କ୍ରୀତିକ୍ରିଷ୍ଟା। ସେ ଏବେ ଭଦ୍ରକ ଚାରୁ ଓ କାରୁକଳା ମହାବିଦ୍ୟାଳୟରେ ଡିଗ୍ରୀର ଦ୍ୱିତୀୟ ବର୍ଷ ଛାତ୍ରୀ। ଜଣେ ସଫଳ ଚିତ୍ରଶିଳ୍ପୀ ହେବା ପାଇଁ ସେ ଅକ୍ଲାନ୍ତ ଉଦ୍ୟମ ଜାରି ରଖିଛନ୍ତି। ରାଜ୍ୟପାଳ ଓ ରାଷ୍ଟ୍ରପତିଙ୍କୁ ଭେଟି ନିଜର ଚିତ୍ରକୃତି ପ୍ରଦାନ ପୂର୍ବକ ପ୍ରଶଂସାର ପାତ୍ରୀ ହୋଇପାରିଛନ୍ତି। ସେହିପରି ପ୍ରଖ୍ୟାତ ଶିଳ୍ପୀ ପଦ୍ମଶ୍ରୀ ରଘୁନାଥ ମହାପାତ୍ର, କେଶୁ ଦାସ ପ୍ରମୁଖଙ୍କଠାରୁ ସମ୍ମାନିତ ହୋଇଛନ୍ତି। ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି, ଭଦ୍ରକ କୋର୍ଟ ବିଚାରପତି, ଜିଲାପାଳ, ଆରକ୍ଷୀ ଅଧୀକ୍ଷକଙ୍କ ସହ ଅନେକ ପଦାଧିକାରୀଙ୍କଠାରୁ ସେ ସମ୍ବର୍ଦ୍ଧିତ ହୋଇଛନ୍ତି। ଅନ୍ତର୍ଜାତୀୟ ସ୍ତରରେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିପାରିଛନ୍ତି। ଅଯୋଧାରେ ପ୍ରଭୁ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା ସମୟରେ ଶ୍ରୀରାମଙ୍କ ଚିତ୍ର ପ୍ରଦର୍ଶନ କରି ସମସ୍ତଙ୍କ ମନ ଜିଣିଥିଲେ। ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ସ୍ଥାନ ପାଇଥିବା ବେଳେ ଗତ ୧୨ ତାରିଖରେ ହରିୟାଣା ଫରିଦାବାଦରୁ ଡାକ ଯୋଗେ ଆସିଥିବା ମେଡାଲ ତାଙ୍କ ପାଖରେ ପହଞ୍ଚିଛି। ଏହି ସଫଳତା ପାଇଁ ବିଧାୟକ ସୂର୍ଯ୍ୟବଂଶୀ ସୂରଜ, ପୂର୍ବତନ ବିଧାୟକ ଅନନ୍ତ ସେଠୀ, ଭଦ୍ରକ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ଆସିଷ୍ଟାଣ୍ଟ କଲେକ୍ଟର ସୁଧାଂଶୁ ସ୍ୱାଇଁ, ଭଦ୍ରକ ଚାରୁ ଓ କାରୁକଳା ମହାବିଦ୍ୟାଳୟ ଅଧ୍ୟକ୍ଷ ମନୋଜ ଭଟ୍ଟାଚାର୍ଯ୍ୟ, ଡା. ସଞ୍ଜୟ ଦାସ ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ସଫଳତା ପଛରେ ତାଙ୍କର ଆରାଧ୍ୟ ଦେବତା ପ୍ରଭୁ ରାଧାକାନ୍ତ ଜୀଉ, ଦଧିବାମନ ଜୀଉ ଓ ମା' ଲକ୍ଷ୍ମୀଙ୍କ ଅପାର କୃପା ସହ ଗୁରୁ ଜୟନ୍ତ କୁମାର ନାୟକ ଓ ପରିବାର ଲୋକଙ୍କ ପ୍ରେରଣା ରହିଛି। ଆଗକୁ ଚିତ୍ର ମାଧ୍ୟମରେ ସମାଜରେ କୁସଂସ୍କାର, ନାରୀ ନିର୍ଯାତନା ଆଦିକୁ ରୋକିବା ନେଇ ଚେଷ୍ଟା କରିବେ ବୋଲି କ୍ରୀତିକ୍ରିଷ୍ଟା କହିଛନ୍ତି।

# କାଦବରାଙ୍ଗରେ ଗ୍ରାମୀଣ ଉଦ୍ୟୋଗ ପାର୍କ


ଗ୍ରାମୀଣ ଉଦ୍ୟୋଗ ପାର୍କ ଉଦ୍‌ଘାଟନୀ ଅବସରରେ ବିଧାୟକ ପ୍ରଫୁଲ୍ଲ ସାମଲ ଓ ଅନ୍ୟମାନେ।

ଆଗରପଡ଼ା,୧୪।୩(ସୁଶାନ୍ତ ଦାଶ)

ବନ୍ତ ବ୍ଲକର କାଦବରାଙ୍ଗ ପଞ୍ଚାୟତରେ ଏକ ଗ୍ରାମୀଣ ଉଦ୍ୟୋଗ ପାର୍କ ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଜେନା, ବିଡିଓ ପ୍ରଦୀପ ସେଠୀ ଏବଂ ଓରମାସ୍‌ର ଉପ କାର୍ଯ୍ୟନିର୍ବାହୀ ଅଧିକାରୀ ଭାଗ୍ୟଲକ୍ଷ୍ମୀ ରାଉତ ଅତିଥି ଭାବେ ଯୋଗଦେଇ ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ଉଦ୍ୟୋଗୀରେ ପରିଣତ କରିବା ଏହାର ମୁଖ୍ୟ ଲକ୍ଷ୍ୟ ବୋଲି କହିଥିଲେ। କାଦବରାଙ୍ଗ ଏମ୍‌ବିକେ କମଳା ମିଶ୍ର ପାର୍କରେ କାର୍ଯ୍ୟ କରୁଥିବା ସମସ୍ତ ସଦସ୍ୟାଙ୍କ ଉନ୍ନତି ପାଇଁ ଟେଲରିଂ, କମ୍ୟୁନିଟି କିଚେନ, ନର୍ସରୀ, ମୁଢ଼ିଭାଟି, ଫିନାଇଲ ତିଆରି, ଡାଲି ପ୍ରୋସେସିଂ, ମାଛ ଚାଷ ଆଦି ହାତକୁ ନିଆଯାଇଛି ବୋଲି କହିଥିଲେ। ଓର୍‌ମାସର ବିଜିନେସ୍ ମ୍ୟାନେଜର ଜ୍ୟୋତିରଞ୍ଜନ ପାଣି ଉତ୍ପାଦଗୁଡ଼ିକର ବିକ୍ରି ବିଷୟରେ ସମସ୍ତଙ୍କୁ ଅବଗତ କରିଥିଲେ।

# ଡାକ୍ତରଖାନା ପରିସରରୁ ନିଷ୍କାସନ ହୋଇପାରୁନି ବର୍ଷାପାଣି



ବାସୁଦେବପୁର,୧୪।୩(ନାରାୟଣ ପ୍ରସାଦ ବାରିକ୍)

**ରୋଗୀ ହନ୍ତସନ୍ତ**

କାଳବୈଶାଖୀ ପ୍ରଭାବରେ ବର୍ଷା ଯୋଗୁ ବାସୁଦେବପୁର ଡାକ୍ତରଖାନା ପରିସରରେ ପାଣି ଜମି ରହିଛି। ୨ଦିନ ଧରି ଡାକ୍ତରଖାନା ପରିସରରେ ଏପରି କୃତ୍ରିମ ବନ୍ୟା ସ୍ଥିତି ଉପୁଜିଛି। ଫଳରେ ଏଠାକୁ ଆସୁଥିବା ରୋଗୀମାନେ ହନ୍ତସନ୍ତ ହେଉଛନ୍ତି। ଶତାଧିକ ରୋଗୀ, କର୍ମଚାରୀ, ରୋଗୀଙ୍କ ସମ୍ପର୍କୀୟ ଆଣ୍ଠୁଏ ମଇଳା ପାଣିରେ ଡାକ୍ତରଖାନାକୁ ଯାଆସ କରୁଛନ୍ତି। ଡାକ୍ତରଖାନା ପରିସର ଓ ଡାକ୍ତରଖାନା ମଧ୍ୟରେ ଥିବା ଔଷଧ ଦୋକାନ ଭିତରେ ପାଣି ପଶିଯାଇଛି। ୨ ଦିନ ହେଲା ବର୍ଷାପାଣିକୁ ନିଷ୍କାସନ ଦିଗରେ ପ୍ରଶାସନ ପଦକ୍ଷେପ ନ ନେଇ ଚୁପ୍ ବସିଥିବା ଅଭିଯୋଗ ଆଣି ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଡାକ୍ତରଖାନାରେ ଥିବା ପୁରୁଣା ଡ୍ରେନ୍‌ର ମୁହଁକୁ ୫-ଟି କାର୍ଯ୍ୟ ବେଳେ ପୋତି ଦିଆଯାଇଥିବାରୁ ଏପରି ସ୍ଥିତି ଉପୁଜିଛି। ସେହିପରି ବାସୁଦେବପୁର ମୁଖ୍ୟବଜାରର ହାଇସ୍କୁଲଠାରେ ମଧ୍ୟ ବର୍ଷାଜଳ ନିଷ୍କାସନ ହୋଇ ନ ପାରି ଜମି ରହିଛି। ଏନେଇ ବିଡିଓ ସଞ୍ଜୀବ କୁମାର ସାହୁଙ୍କୁ ପଚାରିବାରୁ ବର୍ଷାଜଳ ନିଷ୍କାସନ ପାଇଁ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

### ସାଇକେଲ ଆରୋହୀଙ୍କ ଉପରେ ମାଡ଼ିଗଲା ଟ୍ରକ୍

ଭଦ୍ରକ,୧୪।୩(ସନାତନ ରାଉତ)

୧୬ ନଂ. ଜାତୀୟ ରାଜପଥର ଭଦ୍ରକ ଗେଲପୁର ଛକ ନିକଟରେ ଗୁରୁବାର ଭୋର ସମୟରେ ଏକ ଟ୍ରକ୍ ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଭଦ୍ରକ ବ୍ଲକ ଅଧୀନ ମୁଳଗାଁର ବିଷ୍ଣୁ ଯେନା(୫୦)। ସେ କାମ କରିବା ପାଇଁ ସାଇକେଲ ଯୋଗେ ଭଦ୍ରକ ଆସୁଥିବା ବେଳେ ଗେଲପୁର ଛକ ନିକଟରେ ଏକ ଟ୍ରକ୍ ତାଙ୍କ ଉପରେ ମାଡ଼ି ଯାଇଥିଲା। ଦୁର୍ଘଟଣା ଘଟାଇଥିବା ଗାଡ଼ି ଫେରାର ହୋଇଯାଇଥିବା ବେଳେ ଘଟଣାସ୍ଥଳରେ ତାଙ୍କର ଖଣ୍ଡ ବିଖଣ୍ଡିତ ମୃତଦେହ ପଡ଼ିଥିଲା। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ଗ୍ରାମାଞ୍ଚଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ତଦନ୍ତ ଆରମ୍ଭ କରିଛି। ଏଠାରେ ଗାଡ଼ିଗୁଡ଼ିକ ଦ୍ରୁତଗତିରେ ଯାଉଥିବାରୁ ବାରମ୍ବାର ଦୁର୍ଘଟଣା ଘଟୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିବା ସହ ସ୍ପିଡ୍ କଣ୍ଟ୍ରୋଲ ପାଇଁ କ୍ୟାମେରା ଲଗାଯିବାକୁ ଦାବି କରିଛନ୍ତି।

# ଗ୍ରାହକ ସାଜି ଲୁଟିନେଲେ ୧୨ ସୁନାଚେନ୍

ବାସୁଦେବପୁର,୧୪।୩(ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ମୁଖ୍ୟ ବଜାରରେ ଗୁରୁବାର ଅପରାହ୍ନରେ ଏକ ଗହଣା ଦୋକାନରୁ ଅଭିନବ ଭାବେ ଲୁଟ୍ ହୋଇଛି। ଅପରାହ୍ନ ପ୍ରାୟ ୨ଟା ବେଳେ ଦୁଇଜଣ ଅଜଣା ବ୍ୟକ୍ତି ଗ୍ରାହକ ସାଜି ବଜାରର ଧାମରା ରୋଡ୍‌ରେ ଥିବା ପି କେ ଜୁଏଲର୍ସରୁ ୧୨ଟି ସୁନାଚେନ ନେଇ ଚମ୍ପଟ ମାରିଛନ୍ତି। ଦୁଇ ଲୁଟେରାଙ୍କ ପତ୍ତା ମିଳି ନ ଥିବା ବେଳେ ସେମାନେ ଅଣଓଡ଼ିଆ ବୋଲି ପୋଲିସର ପ୍ରାଥମିକ ଅନୁସନ୍ଧାନରୁ ଜଣାପଡ଼ିଛି।

ସୂଚନା ଅନୁଯାୟୀ, ୨ ଲୁଟେରା ଦୋକାନକୁ ଆସି ୪/୫ଟି ସୁନାଚେନ୍ କିଣିବାର ଅଛି କହି କର୍ମଚାରୀ ଅରବିନ୍ଦ ଜାନା ଓ ବିଶ୍ୱନାଥ ଖଟୁଆଙ୍କ ମନରେ ବିଶ୍ୱାସ ଜନ୍ମାଇ ୧୦/୧୨ଟି ଚେନ୍ ଦେଖିଥିଲେ। ଏହି ସମୟରେ ସେମାନେ ବିଭିନ୍ନ ଆଳ ଦେଖାଇ ଦୋକାନୀ କର୍ମଚାରୀଙ୍କୁ ଅସ୍ଥିର କରି ଚତୁରତାର ସହ ୧୨ଟି ସୁନାଚେନ୍ ଧରି ଖସି ପଳାଇ ଯାଇଥିଲେ। ସୁନାଚେନ୍ କିଣିବା ପୂର୍ବରୁ ପ୍ରଥମେ ୨ ହଜାର ଟଙ୍କା ଅଗ୍ରୀମ ମଧ୍ୟ ଦେଇଥିବା ଅରବିନ୍ଦ ଓ ବିଶ୍ୱନାଥ କହିଛନ୍ତି। ସେମାନେ ଦୋକାନରୁ ପଳାଇବା ପରେ ୧୨ଟି ସୁନାଚେନ୍ ନ ଥିବା କର୍ମଚାରୀ ଜାଣିବାକୁ ପାଇଥିଲେ। ଏହାପରେ ସେମାନେ ଦୁଇଜଣଙ୍କୁ ଖୋଜାଖୋଜି କରି ନ ପାଇ ନିରାଶ ହୋଇଥିଲେ। ଚୋରି ସୁନାର ମୂଲ୍ୟ ୭ ଲକ୍ଷରୁ ଊର୍ଦ୍ଧ୍ୱ ହେବ। ଏନେଇ ଦୋକାନ ମାଲିକ ପିଣ୍ଟୁ କୁମାର ଖଟୁଆ ଥାନାରେ ଅଭିଯୋଗ କରିବା ପରେ ବାସୁଦେବପୁର ପୋଲିସ ଘଟଣାର ତଦନ୍ତ ଚଳାଇଛି।

# କଳାବ୍ୟାଜ୍ ପିନ୍ଧି ଉତ୍କଳ ସାମ୍ବାଦିକ ସଂଘର ପ୍ରତିବାଦ


ସଂଘର ସଦସ୍ୟମାନେ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ ଜଣାଉଛନ୍ତି।

ଭଦ୍ରକ,୧୪।୩ (ରବିନାରାୟଣ ଖିଲାର)

ଉତ୍କଳ ସାମ୍ବାଦିକ ସଂଘର ଜିଲା ଶାଖା ପକ୍ଷରୁ ଗୁରୁବାର ଭଦ୍ରକର ହରିହାଟଠାରେ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ କରାଯାଇଛି। ବୟସ୍କ ଖବରଦାତାଙ୍କୁ ପେନ୍‌ସନ, ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ, ପ୍ରଚଳିତ ସ୍ୱାସ୍ଥ୍ୟବୀମା ଯୋଜନାରେ ମା' ବାପା ଓ ୨୫ ବର୍ଷରୁ ଊର୍ଦ୍ଧ୍ୱ ବୟସର ସନ୍ତାନମାନଙ୍କୁ ସାମିଲ, ଅଧିସ୍ୱୀକୃତି କମିଟି ପୁନର୍ଗଠନ, ପ୍ରେସ୍ ଏକାଡେମୀ ଗଠନ ଆଦି ଦାବି କରାଯାଇଛି। ରାଜ୍ୟ ସଭାପତି ବିଭୂତି ଭୂଷଣ କରଙ୍କ ନିର୍ଦ୍ଦେଶକ୍ରମେ ଜିଲା ସଭାପତିଙ୍କ ନେତୃତ୍ୱରେ ଖବରଦାତାମାନଙ୍କ ନ୍ୟାଯ୍ୟ ଦାବି ପ୍ରତି ସରକାରଙ୍କ ଅଣଦେଖା ପ୍ରତିବାଦରେ କଳାବ୍ୟାଜ୍ ପରିଧାନ କରିଛନ୍ତି। ଆଗାମୀ ସାଧାରଣ ନିର୍ବାଚନରେ ଖବରଦାତାମାନେ କଳାବ୍ୟାଜ୍ ପିନ୍ଧି ଖବର ପ୍ରସାରଣ କରିବେ ବୋଲି ଜିଲା ସଭାପତି ପ୍ରକାଶ କରିଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅପୂର୍ବ ରଞ୍ଜନ ବେହେରା, ସନ୍ତୋଷ ଦାସ, ସଞ୍ଜୀବ ନାୟକ, ସୁଜୟ ପାକଳ, ଅଶୋକ ସାହୁ, ରାମନାରାୟଣ ମହାନ୍ତି, ନବଘନ ଦାସ, ଅକ୍ଷୟ ନାୟକ, ସାଧନ ଧର, ମୁକ୍ତିକାନ୍ତ ନାୟକ, ପ୍ରଦୀପ ବଳ, ଅନନ୍ତ ବାରିକ, ଅବଦୁଲ ଫିରୋଜ ଖାଁ, ଅମର ନାୟକ, ସୌଜନ୍ୟ ପ୍ରକାଶ ପାଣି ପ୍ରମୁଖ ଉପସ୍ଥିତ ଥିଲେ।

### ଗ୍ରାମ ଜ୍ଞାନକେନ୍ଦ୍ର ପ୍ରତିଷ୍ଠା ପାଇଁ ଚାଷୀଙ୍କୁ ତାଲିମ

ଭଦ୍ରକ,୧୪।୩(ସନାତନ ରାଉତ)

କଟକ ଜାତୀୟ ଧାନ ଗବେଷଣା କେନ୍ଦ୍ର ପକ୍ଷରୁ ଭଦ୍ରକ ବ୍ଲକର ଅର୍ଣ୍ଣପାଳ ପଞ୍ଚାୟତ ରାଜୁଆଳିବିନ୍ଧାଠାରେ ଗ୍ରାମ ଜ୍ଞାନକେନ୍ଦ୍ର ପ୍ରତିଷ୍ଠା ପାଇଁ କୃଷକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୃଷି ବିଭାଗର ଯୁଗ୍ମ ନିର୍ଦ୍ଦେଶକ ମଳୟ କୁମାର ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭାଗୀୟ ଯୋଜନା ଅଧିକାରୀ ଦୀପକ କୁମାର ଦାଶ, ଜିଲା ମୁଖ୍ୟ କୃଷି ଅଧିକାରୀ ନାରାୟଣ ଉପାଧ୍ୟାୟ, ବ୍ଲକ କୃଷି ଅଧିକାରୀ ଜୟନ୍ତ ଦିନ୍ଦା, ସରପଞ୍ଚଙ୍କ ପ୍ରତିନିଧି ସୁଧାକର ମହାଳିକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନର ବୈଜ୍ଞାନିକ ଡ. ରାହୁଲ ତ୍ରିପାଠୀ ଗ୍ରାମ ଜ୍ଞାନକେନ୍ଦ୍ର ପ୍ରତିଷ୍ଠାର ଲକ୍ଷ୍ୟ ସମ୍ପର୍କରେ କହିବା ସହ ଚାଷୀମାନେ ଅତ୍ୟାଧୁନିକ ଯନ୍ତ୍ରପାତି ଜ୍ଞାନକୌଶଳ ବ୍ୟବହାର କରି ଅମଳ ବୃଦ୍ଧି କରିବା ପାଇଁ ତାଲିମ ପ୍ରଦାନ କରିଥିଲେ। ୧୨୫ଜଣ ଚାଷୀ ତାଲିମ ନେଇଥିବା ବେଳେ ଅଗ୍ରଣୀ ଚାଷୀ ବିନୋଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# 'ସମବାୟ ସମିତି ସଭାପତିଙ୍କୁ ମିଳୁ ଭତ୍ତା'

ବନ୍ତ,୧୪।୩(ହରିନାରାୟଣ ମହାନ୍ତି)


ଖବରଦାତା ସମ୍ମିଳନୀରେ ଚାଇଁପୁର ସମିତି ସଭାପତି ଅଜୟ କୁମାର ନାୟକ ଦାବି ସମ୍ପର୍କରେ କହୁଛନ୍ତି।

ଭଦ୍ରକ ଜିଲା ବନ୍ତ ବ୍ଲକରେ ୧୧ ସେବା ସମବାୟ ସମିତି ରହିଛି। ଏସବୁ ସମିତିରେ ସଭାପତିମାନେ ସମବାୟ ନିୟମ ଅନୁଯାୟୀ ନିର୍ବାଚିତ ହୋଇ ଚାଷୀମାନଙ୍କୁ ବିଭିନ୍ନ ସେବା ଯୋଗାଇ ଦେବା ସହ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ସଫଳ ରୂପାୟନରେ ସହାୟକ ହୋଇଆସୁଛନ୍ତି। ଏପରିସ୍ଥଳେ ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟ ସରକାର ପଞ୍ଚାୟତ, ପଞ୍ଚାୟତ ସମିତି, ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ପୌରପାଳିକାର ସମସ୍ତ ଜନପ୍ରତିନିଧିମାନଙ୍କ ପାଇଁ ମାସିକ ଭତ୍ତା ପ୍ରଦାନ ବ୍ୟବସ୍ଥା କରିଛନ୍ତି। ସମବାୟ ସମିତି ସଭାପତିମାନେ ୫ ବର୍ଷ ଧରି ଚାଷୀମାନଙ୍କୁ ସେବା ପ୍ରଦାନ କରିଆସୁଥିବା ବେଳେ ସେମାନେ ବହୁ ଅସୁବିଧାରେ କାଳାତିପାତ କରୁଛନ୍ତି। ସେମାନଙ୍କ ପାଇଁ କୌଣସି ସରକାରୀ ସୁବିଧା ସୁଯୋଗ ନାହିଁ। ରାଜ୍ୟ ସରକାର ସମବାୟ ସମିତିର ସଭାପତିମାନଙ୍କୁ ଭତ୍ତା ପ୍ରଦାନ କଲେ ସେମାନେ ଉପକୃତ ହୋଇପାରିବେ ବୋଲି ଗୁରବାର ବନ୍ତ ବ୍ଲକ ଚାଇଁପୁର ସେବା ସମବାୟ ସମିତିଠାରେ ଆହୁତ ଖବରଦାତା ସମ୍ମିଳନୀରେ ସଭାପତି ଅଜୟ କୁମାର ନାୟକ ଦାବି କରିଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଡାକ ଯୋଗେ ପଠାଯାଇଛି। ବିଭିନ୍ନ ସମିତିର ସଭାପତି ଏହି ଦାବିକୁ ସମର୍ଥନ ଜଣାଇଛନ୍ତି।

# କେନ୍ଦ୍ରୀୟ ଛାତ୍ରାବାସର ବାର୍ଷିକୋତ୍ସବ

ଭଦ୍ରକ,୧୪।୩ (ସନାତନ ରାଉତ)

ଭଦ୍ରକ ମହାବିଦ୍ୟାଳୟ କେନ୍ଦ୍ରୀୟ ଛାତ୍ରାବାସର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ତତ୍ତ୍ୱାବଧାରକ ତଥା ବିଜ୍ଞାନ ଲେଖକ ଡ. କମଳାକାନ୍ତ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଅଧ୍ୟକ୍ଷ ଡ. ଦୁର୍ଗାଶଙ୍କର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଭଦ୍ରକ କଲେଜର ଗୌରବକୁ ବଜାୟ ରଖିବାରେ କେନ୍ଦ୍ରୀୟ ଛାତ୍ରାବାସର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ପ୍ରଫେସର ପବିତ୍ର ପାଣିଗ୍ରାହୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରାବାସର ଅନ୍ତେବାସୀମାନେ ମାନସିକ ସ୍ତରରେ ଦୃଢ଼ ହୋଇ ସୁନ୍ଦର ଭବିଷ୍ୟତ ଗଠନ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ, ରସାୟନ ବିଜ୍ଞାନ ପ୍ରାଧାପକ ଡ. ଲକ୍ଷ୍ମୀକାନ୍ତ ନାୟକ, ଥାନାଧିକାରୀ ବୀରେନ୍ଦ୍ର କୁମାର ସେନାପତି ଓ ପ୍ରଶାନ୍ତ ରାଉତରାୟ ଯୋଗ ଦେଇଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରାବାସର ସଭାପତି ଦାଶରଥୀ ବେଶ୍ରା ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ପ୍ରିଫେକ୍ଟ ବିଭୁପ୍ରସାଦ ଜେନା ଅତିଥିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଅନ୍ତେବାସୀମାନଙ୍କ ଦ୍ୱାରା ନାଟକ 'ଉଧାମ ସିଂହ' ପରିବେଷଣ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ଉତ୍ସବରେ ଉପସ୍ଥିତ ଅତିଥି।

# ଭାଙ୍ଗିଲା ଗଛ, ଉଡ଼ିଲା ଛପର


ବନ୍ତରେ ରାସ୍ତା ଉପରେ ସାଇନ ବୋର୍ଡ ଉପୁଡ଼ି ପଡ଼ିଛି।


ଚାନ୍ଦବାଲି ନୂଆଗାଁରେ ଯାତ୍ରା ଟେଣ୍ଟ ଭାଙ୍ଗିଯାଇଛି।

ବନ୍ତ (ହରିନାରାୟଣ ମହାନ୍ତି)/ ଚାନ୍ଦବାଲି,(କିଷାନ ପାତ୍ର),୧୪।୩

**କାଳବୈଶାଖୀ ପ୍ରଭାବ**

ଭଦ୍ରକ ଜିଲା ବନ୍ତ ବ୍ଲକରେ ଗୁରବାର କାଳବୈଶାଖୀର ପ୍ରଭାବ ଦେଖିବାକୁ ମିଳିଛି। ଅପରାହ୍ନରେ ହଠାତ୍ ବର୍ଷା ସାଙ୍ଗକୁ ପବନ ହୋଇଥିଲା। ପବନ ଯୋଗୁ ଘର ଛପର ଉଡ଼ିଯିବା ସହ ଗଛ ଭାଙ୍ଗି ଯାଇଥିଲା। ବନ୍ତ-ବାରିକପୁର ରାସ୍ତାର ତରାପୁର ଛକଠାରେ ପୂର୍ତ୍ତ ବିଭାଗର ଏକ ବିରାଟ ସାଇନ ବୋର୍ଡ ଉପୁଡ଼ି ରାସ୍ତା ଉପରେ ପଡ଼ିଥିଲା। ଫଳରେ କିଛି ସମୟ ପାଇଁ ଯାତାୟାତରେ ସମସ୍ୟା ଦେଖାଯାଇଥିଲା। ସେହିଭଳି ଉକ୍ତ ରାସ୍ତାର ଉଭୟପାର୍ଶ୍ୱରେ ଗଛଗୁଡ଼ିକ ଭାଙ୍ଗି ପଡ଼ିଥିଲା।

ଚାନ୍ଦବାଲି ବ୍ଲକ ଭୂଇଁବୃତି ପଞ୍ଚାୟତର ନୂଆଗାଁରେ ବୁଧବାର ସନ୍ଧ୍ୟାରେ କାଳବୈଶାଖୀ ତାଣ୍ଡବ ରଚିଥିଲା। ଏହାର ପ୍ରଭାବରେ ଜାଗର ପାଇଁ ଗାଁକୁ ଆସିଥିବା ଅପେରା ପାର୍ଟିର ଟେଣ୍ଟକୁ ଛାରଖାର କରିବା ସହ ମନ୍ଦିରରେ ସାଜସଜା, ଲାଇଟ ଓ ଟେଣ୍ଟ ଭାଙ୍ଗିଯାଇଛି। ଯାତ୍ରା ପାର୍ଟିର କଳାକାରମାନେ ଅଳ୍ପକେ ରକ୍ଷା ପାଇଛନ୍ତି। ନୂଆଗାଁରେ ପୂଜା କମିଟି ପକ୍ଷରୁ ସଭାପତି ବାମଦେବ ଦାସ, ସମ୍ପାଦକ ଭୋଳାନାଥ ଦାସ, କର୍ମୀ ହେମନ୍ତ ଦାସ, ଶଶୀ ଦାସ, ନାରାୟଣ ଦାସ, କେଶବ ଦାସ ପ୍ରମୁଖ ସରକାରୀ ସହାୟତା ପାଇଁ ଦାବି କରିଛନ୍ତି। ସେହିପରି ନୂଆଗାଁଠାରେ ପବିତ୍ର ଦାସଙ୍କ ଧଳା ଘୁଷୁରୀ ଫାର୍ମ ଘର ଭାଙ୍ଗିଯାଇଛି। ସେ ୪ ଲକ୍ଷ ଟଙ୍କା ଋଣ କରି ଏହି ଫାର୍ମ କରିଥିଲେ। ଏବେ ଋଣ କେମିତି ସୁଝିବେ ବୋଲି ଚିନ୍ତାରେ ପଡ଼ିଛନ୍ତି।

## ସଂକ୍ଷେପରେ

### ଆଦିତ୍ୟ କେୟାର ହସ୍ପିଟାଲରେ ସ୍ୱାସ୍ଥ୍ୟ ବିଭାଗର ଚଢ଼ାଉ

**ପାଟଣା,୧୪ା୩(ବୀର କିଶୋର ଦାଶ)** କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟରେ ଥିବା ଆଦିତ୍ୟ କେୟାର ହସ୍ପିଟାଲ( ମେଡିସିନ ଦୋକାନ)ରେ ଗୁରୁବାର ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚଢ଼ାଉ ହୋଇଛି। ଏଠାରେ ବେଆଇନ ଭାବେ ହସ୍ପିଟାଲ ଖୋଲି ଡାକ୍ତର ରୋଗୀ ସେବା କରୁଥିବା, ବେଡ୍ ପକାଇ ରୋଗୀଙ୍କୁ ଟ୍ରିଟମେଣ୍ଟ କରିବା, ପଥୋଲଜୀ ଖୋଲିବା ଆଦି ଅଭିଯୋଗ ହୋଇଥିଲା। ଏନେଇ ଜିଲା ସ୍ୱାସ୍ଥ୍ୟ ଅଧିକାରୀ କିଶୋର କୁମାର ପୃଷ୍ଟିଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ପରିବାର କଲ୍ୟାଣ ବିଭାଗ ଡ଼ା. ପ୍ରଣତି ନାୟକ, ଷ୍ଟେନୋ ଦିଲ୍ଲୀପ ରାମ ତଦନ୍ତ କରିଥିଲେ। ଜିଲା ସ୍ୱାସ୍ଥ୍ୟ ଅଧିକାରୀ କିଶୋର କୁମାର ପୃଷ୍ଟି କହିଛନ୍ତି, ମେଡିସିନ ଦୋକାନରେ ବେଆଇନ ଭାବେ ହସ୍ପିଟାଲ ଚାଲିଛି ବୋଲି ହ୍ୟୁମାନ ରାଇଟ କମିଶନଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏକ ଟିମ ତଦନ୍ତ କରିଛି। ରିପୋର୍ଟ ଦେବା ପରେ ଯାହା କହି ହେବ। ଏ ନେଇ ଜିଲା ଜନ ସ୍ୱାସ୍ଥ୍ୟ ଅଧିକାରୀ କହିଛନ୍ତି, ଏଠାରେ ମେଡିକାଲ, କିମ୍ବା ଡାକ୍ତର ରୋଗୀ ଦେଖୁଥିବା କିମ୍ବା ବେଡ୍ ପକାଇ ରୋଗୀ ଚିକିତ୍ସା ଆଦି ଭଳି କୌଣସି ବେଆଇନ କାର୍ଯ୍ୟ ଚାଲୁଥିବା ଦେଖିବାକୁ ମିଳି ନ ଥିଲା। ମେଡିସିନ ଦୋକାନ ସମ୍ମୁଖରେ ଆଦିତ୍ୟ କେୟାର ହସ୍ପିଟାଲ ସାଇନବୋର୍ଡ ଲଗାଇବା ହିଁ ଦୋକାନ ମାଲିକ ଭୁଲ କରିଛନ୍ତି।

### ସର୍ଟ ବାଉଣ୍ଡରୀ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ଯୋଡ଼ା,୧୪ା୩(ମାନସ ମହାନ୍ତି)** କେନ୍ଦୁଝର ଜିଲା ଯୋଡ଼ା ଶାସ୍ତ୍ରୀ ନଗର ୟୁଥ୍ କ୍ଲବ୍ ପକ୍ଷରୁ ରୁଙ୍ଗଟା ସ୍ପୋର୍ଟସ କମ୍ପ୍ଲେକ୍ସଠାରେ ଗୁରୁବାର ଦିବାରାତ୍ର ସର୍ଟ ବାଉଣ୍ଡରି କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଅତିଥିଭାବେ ଖବରଦାତା ମାନସ ରଞ୍ଜନ ମହାନ୍ତି, ଜେଏସପିଲର କର୍ପୋରେଟ ଅଧିକାରୀ ପ୍ରଣବାନନ୍ଦ ଦାସ, ଯୋଡ଼ା ଟ୍ରକ୍ ମାଲିକ ସଂଘ ସମ୍ପାଦକ ସୁଶାନ୍ତ ବାରିକ, ଶାସ୍ତ୍ରୀ ୟୁଥ୍ କ୍ଲବ୍ ସଭାପତି ସିଦ୍ଧାର୍ଥ କର ଉପସ୍ଥିତ ଥିଲେ। ଏଥିରେ ୨୪ଟି ଦଳ ଅଂଶ ଗ୍ରହଣ କରିଛନ୍ତି। ଆସନ୍ତା ୧୭ ତାରିଖରେ ଟର୍ନାମେଣ୍ଟ ଉଦ୍‌ଯାପିତ ହେବ।

# ୪ ମାସ ହେଲା ମିଳିନାହିଁ ଚାଉଳ

**ହାଟଡ଼ିହୀ,୧୪ା୩(ପାର୍ଥ ସୌରଭ ସା)** କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ପଞ୍ଚୁଗୋଛିଆ ପଞ୍ଚାୟତରେ ୪ ମାସ ହେଲା ପିଡିଏସ୍ ଚାଉଳ ମିଳିନାହିଁ। ଏହାର ପ୍ରତିବାଦରେ ଗୁରୁବାର ହିତାଧିକାରୀମାନେ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କୁ ଭେଟିଛନ୍ତି। ୨ ଦିନ ମଧ୍ୟରେ ଚାଉଳ ନ ମିଳିଲେ ଆନ୍ଦୋଳନ କରିବାକୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ, ପଞ୍ଚାୟତର ୧୯ଟି ୱାର୍ଡରେ ୪ ମାସର ଚାଉଳ ବଣ୍ଟନ କରାଯାଇଥିବା ବେଳେ ୨୦, ୨୧ ଓ ୨୨ନମ୍ବର ୱାର୍ଡର ହିତାଧିକାରୀଙ୍କୁ ଚାଉଳ ଦିଆଯାଇନାହିଁ। ଜାନୁଆରୀଠାରୁ ଏପ୍ରିଲ ମାସ ପର୍ଯ୍ୟନ୍ତ ୪ ମାସର ଚାଉଳ ପଞ୍ଚାୟତକୁ ଆସିଥିବା ବେଳେ କର୍ତ୍ତୃପକ୍ଷ ଉପରୋକ୍ତ ୩ ୱାର୍ଡ ଲୋକଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ଦେଉ ନ ଥିବା କହିଛନ୍ତି। ବୁଧବାର ପଞ୍ଚାୟତକୁ ପଚାରିବାକୁ ଯାଇଥିବା ବେଳେ ପଞ୍ଚାୟତ କର୍ତ୍ତୃପକ୍ଷ ୨ ମାସର ଚାଉଳ ଦେବାକୁ କହିବାରୁ ଉତ୍ତେଜନା ମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏପରିକି ଚାଉଳ ବଣ୍ଟନ କରୁଥିବା ଲୋକମାନେ ଗାଳିଗୁଲଜ କରି ଧମକ ଦେଇ ପଞ୍ଚାୟତରୁ ବାହାର କରିଦେଇଥିଲେ ବୋଲି ହିତାଧିକାରୀ କୁମରଜିତ କର, ତପନ ପଣ୍ଡା, ଅଶୋକ



ବିଡିଓଙ୍କୁ ଭେଟିବାକୁ ଆସିଥିବା ହିତାଧିକାରୀମାନେ।

**ବିଡିଓଙ୍କୁ ଭେଟିଲେ ପଞ୍ଚୁଗୋଛିଆ ପଞ୍ଚାୟତ ହିତାଧିକାରୀ**

ତ୍ରିପାଠୀ, ସତ୍ୟ ପଣ୍ଡା, ଶରତ ପଣ୍ଡା, ରବିନ୍ଦ୍ର ସାହୁ, ରମେଶ ସାହୁ, ବେଲ ପଣ୍ଡା, ହରେକୃଷ୍ଣ ମହାକୁଡ଼ ପ୍ରମୁଖ ବିଡିଓ ଏବଂ ଯୋଗାଣ ଅଧିକାରୀ ଦିଲୀପ କୁମାର ସାହୁଙ୍କୁ ସାକ୍ଷାତ କରି ସମସ୍ୟା ସମ୍ପର୍କରେ ଜଣାଇଥିଲେ। ଅତିଶୀଘ୍ର ଚାଉଳ ବଣ୍ଟନ କରାଯିବ ବୋଲି ବିଡିଓ ଏବଂ ଯୋଗାଣ ଅଧିକାରୀ ପ୍ରତିଶ୍ରୁତି ଦେଇଛନ୍ତି। ଏ ସମ୍ପର୍କରେ ସରପଞ୍ଚ ଦିନେଶ ସେଠୀ କହିଛନ୍ତି, ପଞ୍ଚାୟତକୁ ଆସିଥିବା ଚାଉଳରେ ୨୪୦ କୁଇଣ୍ଟାଲ କମ ଆସିଛି, ତେଣୁ ଏପରି ସମସ୍ୟା ଦେଖା ଦେଇଛି।

## ଡିଭାଇଡରରେ ପିଟି ହେଲା ବାଇକ, ୧ ମୃତ

**ବଡ଼ବିଲ,୧୪ା୩(ଦେବପ୍ରିୟ ରଣା):** କେନ୍ଦୁଝର ଜିଲା ରୁଗୁଡ଼ି ଥାନା ଅନ୍ତର୍ଗତ ୫୨୦ ନମ୍ବର ଜାତୀୟ ରାଜପଥର ତୋପାଡିହୀଠାରେ ଏକ ବାଇକ ଡିଭାଇଡରରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଜଣେ ଗୁରୁତର ହୋଇଥିବା ଜଣାପଡିଛି। ମୃତକ ଜଣକ ହେଲେ ନୟାକୋଟ ଥାନା ସୁନ୍ଦରା ଗ୍ରାମର ସନାତନ ଦେହୁରୀ(୨୦) ଓ ଆହତ ଜଣକ ହେଲେ ମାନସ ସେଠ୍।

ସୂଚନା ଅନୁଯାୟୀ, ବୁଧବାର ରାତି ପ୍ରାୟ ସାଢେ ୧୦ ଟା ବେଳେ ଏକ ବାଇକ ଯୋଗେ ସନାତନ ଓ ମାନସ ରୁଗୁଡ଼ିରୁ କୋଇଡ଼ା ଅଭିମୁଖେ ୫୨୦ ନମ୍ବର ଜାତୀୟ ରାଜପଥ ଦେଇ ଯାଉଥିଲେ। ତୋପାଡିହୀଠାରେ ରସ୍ତାରେ ଥିବା ଡିଭାଇଡରରେ ପିଟି ହୋଇଥିଲେ। ଫଳରେ ବାଇକଟି ଭାଙ୍ଗିଯାଇଥିବାବେଳେ ୨ ଜଣଙ୍କୁ ଗୁରୁତର ଅବସ୍ଥାରେ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ବଡବିଲରେ ସନାତନଙ୍କର ମୃତ୍ୟୁ ଘଟିଥିଲା। ମାନସଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

# ଶ୍ରୀକ୍ରିଷ୍ଣା ଏଜେନ୍ସି ପକ୍ଷରୁ ପୁରସ୍କାର ପ୍ରଦାନ ଉତ୍ସବ




ବିକ୍ରେତାଙ୍କୁ ସମ୍ମାନିତ କରାଯାଉଛି।

**କେନ୍ଦୁଝର,୧୪ା୩(ଦୀପକ ମିଶ୍ର)** ଦେଶର ସର୍ବବୃହତ ଓ ଉତ୍କୃଷ୍ଟମାନର ସିମେଣ୍ଟ ପ୍ରସ୍ତୁତକାରୀ କମ୍ପାନୀ ଅଲଟ୍ରାଟେକର ଅଧିକୃତ ବିକ୍ରେତା ଶ୍ରୀ କ୍ରିଷ୍ଣା ଏଣ୍ଟରପ୍ରାଇଜର୍ସ ତରଫରୁ କେନ୍ଦୁଝର ସଂସ୍କୃତି ଭବନଠାରେ ବନ୍ଧୁମିଳନ ଓ ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝର ଜିଲାର ବିଭିନ୍ନ ସବ ଡିଲର ବିକ୍ରେତାଙ୍କୁ ସମ୍ମାନିତ କରାଯିବା ସହ ଉପହାର ପ୍ରଦାନ କରାଯାଇଥିଲା। ନରଣପୁରର ପ୍ରକାଶ ସିମେଣ୍ଟ ଷ୍ଟୋରକୁ ଉଲ୍ଲେଖନୀୟ ସଫଳତା ପାଇଁ ଏକ ଇଲେକଟ୍ରିକ ସ୍କୁଟି ଉପହାର ସ୍ୱରୂପ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅଲଟ୍ରାଟେକ ସିମେଣ୍ଟର ପଶ୍ଚିମାଞ୍ଚଳ ମୁଖ୍ୟ ରଣବିଜୟ ନାରାୟଣ, ରାଉରକେଲା ୟୁନିଟ୍ ମୁଖ୍ୟ ଗଣେଶ ଚୌଧୁରୀ, ଅଲଟ୍ରାଟେକ କେନ୍ଦୁଝର ବ୍ୟବସାୟିକ ମୁଖ୍ୟ ଶ୍ରୀଧର ସେନାପତି, ଶ୍ରୀକ୍ରିଷ୍ଣା ଏଣ୍ଟରପ୍ରାଇଜର୍ସର ସତ୍ତ୍ୱାଧିକାରୀ ସୁରେଶ ରାଉତ ଓ ସତ୍ୟନାରାୟଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଦିନରେ ଖୋଲା, ରାତିରେ ବନ୍ଦ

**ଯୋଡ଼ା ନୂତନ ଫ୍ଲାଏ ଓଭର**

**ଯୋଡ଼ା,୧୪ା୩(ମାନସ ମହାନ୍ତି)** କେନ୍ଦୁଝର ଜିଲା ଯୋଡ଼ା ସହରଠାରେ ନୂତନ ଭାବେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିବା ଦୀର୍ଘତମ ଓଭର ବ୍ରିଜ୍(୨.୯କି.ମି) ରାତିରେ ବନ୍ଦ ରହୁଛି। ଲୋକାର୍ପଣର ୨୪ ଘଣ୍ଟା ନ ପୁରୁଣୁ ଦିନରେ ଖୋଲା ରଖି ରାତିରେ ବେରିକେଟ ପକାଇ ବନ୍ଦ କରି ଦିଆଯାଉଛି। ଯାହା ଫଳରେ ବଡ଼ବିଲ, କୋଇଡ଼ା, ଭଦ୍ରାସାହି ପ୍ରଭୃତି ସ୍ଥାନରୁ ଯୋଡ଼ା, ରୁଗୁଡ଼ି, ବାମେବାରି ସ୍ଥାନକୁ ଯାଉଥିବା ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପାଇଁ ଜନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।

ସୂଚନା ଅନୁଯାୟୀ, ସହର ଭିତରେ ଥିବା ସର୍ଭିସ ରୋଡ୍ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ଟ୍ରାଫିକ ଜାମ ଲାଗି ରହୁଛି। ଫ୍ଲାଏ ଓଭର ଦେଇ ଯାତାୟାତ ଦ୍ୱାରା ଟ୍ରାଫିକ ସମସ୍ୟା ସମାଧାନ ହୋଇ ପାରନ୍ତା ବୋଲି ସ୍ଥାନୀୟ ଲୋକେ କହୁଛନ୍ତି। ଏ ନେଇ ଫ୍ଲାଏ ଓଭର ନିର୍ମାଣକାରୀ ଠିକାସଂସ୍ଥାର ମାନବ ସମ୍ବଳ ଅଧିକାରୀ ଭାଗୀରଥି ପଣ୍ଡା କହିଛନ୍ତି, ଫ୍ଲାଏ ଓଭର ରାସ୍ତାଟି ଅଙ୍କାବଙ୍କା ହୋଇଥିବାରୁ ଅନ୍ଧାରରେ ଦୁର୍ଘଟଣା ଆଶଙ୍କା ରହିଛି। ବିଦ୍ୟୁତ୍ ସଂଯୋଗ ପର୍ଯ୍ୟନ୍ତ ସୁରକ୍ଷା ଦୃଷ୍ଟିରୁ ଏହାକୁ ସାମୟିକ ଭାବେ ବନ୍ଦ କରାଯାଉଛି। ତେବେ ବିଦ୍ୟୁତ୍ ଖୁଣ୍ଟ ଲାଗି ବିଦ୍ୟୁତ୍ ସଂଯୋଗୀକରଣ ହୋଇ ନ ଥିବା ସମ୍ପର୍କରେ ଯୋଡ଼ା ପୌର ଅଧ୍ୟକ୍ଷ ଡା. ଜଗଦୀଶ ପ୍ରସାଦ ସାହୁଙ୍କୁ ପଚାରିବାରୁ ସେ କହିଥିଲେ,ଏକ ସପ୍ତାହ ମଧ୍ୟରେ ଟ୍ରାନ୍ସଫର୍ମର ସଂଯୋଗୀକରଣ କରାଯାଇ ଫ୍ଲାଏ ଓଭରକୁ ବିଦ୍ୟୁତିକରଣ କରାଯାଇ ଦିବାରାତ୍ର ଯାନବାହନ ଚଳାଚଳ କରିବ। ତେବେ ଭାରିଜାନ ସମ୍ପର୍କରେ ଓବିସିସି ଇଞ୍ଜିନିୟର ଧନେଶ୍ୱର ମାଝୀ କହିଛନ୍ତି, ନୂତନ ଭାବେ ହୋଇଥିବା ଫ୍ଲାଏ ଓଭରର କଂପ୍ରେସିଭ ଷ୍ଟ୍ରେଙ୍ଗ ପାଇଁ କିଛି ଦିନ ଭାରିଜାନ ଚଳାଚଳ ଉପରେ ବାରଣ ରହିଛି।

# ୨ ବର୍ଷ ହେଲା ପାଣିଟାଙ୍କି ସଫା ହୋଇନି

**ଉପଖଣ୍ଡ ଚିକିତ୍ସାଳୟ**

**■ସ୍ୱଚ୍ଛତାକୁ ନେଇ ପ୍ରଶ୍ନବାଚୀ**

**ଚମ୍ପୁଆ,୧୪ା୩(ମହେଶ୍ୱର ଦାସ)** କେନ୍ଦୁଝର ଜିଲା ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟ ସେବା କ୍ଷେତ୍ରରେ ୧୯୧୦ରୁ ସମର୍ପିତ ହୋଇଥିବା ବେଳେ ରୋଗୀ ସେବା ଉପରେ ବିଶେଷ ଭାବରେ ଗୁରୁତ୍ୱାରୋପ କରାଯାଇଥାଏ। ମାତ୍ର ବିଡ଼ମ୍ବନାର ବିଷୟ ରୋଗୀମାନଙ୍କୁ ଜଳ ଯୋଗାଣ ପାଇଁ ବ୍ୟବହୃତ ଟାଙ୍କି ଗତ ୨ ବର୍ଷ ହେବ ସଫା ହୋଇନାହିଁ। ବଢୁଥିବା ରୋଗୀ ସଂଖ୍ୟା ତଥା ସରକାରଙ୍କ ଦ୍ୱାରା ମୋ ଡାକ୍ତରଖାନା ଯୋଜନାରେ ଉଚ୍ଚସ୍ତରୀୟ ଡାକ୍ତରଖାନାର ଭିତିଭୂମୀ ସ୍ଥାପନ କରାଯାଉଛି। ଆବଶ୍ୟକୀୟ ଗୃହଳ ବିଭିନ୍ନ ବିଭାଗ ଖୋଲାଯାଉଛି। ମାତ୍ର ଏଠାରେ ପାଣି ଟାଙ୍କି ଉପରେ ଲେଖାଯାଇଥିବା ତାରିଖ ଏହାର ପରିମଳ ବ୍ୟବସ୍ଥାକୁ ଉପହାସ କରୁଥିବା ଦେଖାଯାଇଛି।

ସୂଚନାଯୋଗ୍ୟ, ପାଣିଟାଙ୍କି ସଫା ଦେଉଥିବା ତାରିଖ ଉକ୍ତ ପାଣି ଟାଙ୍କି ଉପରେ ନିୟମିତ ଭାବେ ଲେଖାଯାଇଥାଏ। ମାତ୍ର ବର୍ତ୍ତମାନ ଏକାଧିକ ପାଣି ଟାଙ୍କିରେ ୨୪ ଡିସେମ୍ବର ୨୦୨୨ ଲେଖା ହୋଇଛି। ଜଳ



ଅତ୍ୟାବଶ୍ୟକ ହୋଇଥିଲେ ହେଁ କେଉଁ କାରଣରୁ ଏହା ଉପରେ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ନଜର ପଡୁନାହିଁ ତାହା ପରିତାପର ବିଷୟ ପାଲଟିଛି। ନିକଟ ଅତିତରେ କାୟାକଳ୍ପ ପ୍ରତିନିଧି ଦଳ ଉପଖଣ୍ଡ ଚିକିତ୍ସାଳୟର ଆନୁସାଙ୍ଗିକ ବ୍ୟବସ୍ଥା ପରିଦର୍ଶନ କରିଥିଲେ। ଏ ନେଇ ଡାକ୍ତରଖାନା ମ୍ୟାନେଜର ୱାସିମ ଆକତାରଙ୍କୁ ପଚାରିବାରୁ କର୍ମଚାରୀ ଅଭାବ ଫଳରେ ଠିକ୍ ସମୟରେ ସଫାହୋଇ ପାରିନାହିଁ। ଏକାଥରକେ ସଫା କରିବା ସମ୍ଭବ ହେଉ ନ ଥିବାରୁ ପର୍ଯ୍ୟାୟ କ୍ରମେ ବର୍ତ୍ତମାନ ସଫା କରାଯାଉଛିବୋଲିସଫେଇଦେଇଥିଲେ।

## ମଙ୍ଗଳପୁରରେ ଲାଗିଲା ଷ୍ଟ୍ରିଟ୍ ଲାଇଟ୍

**ରାମଚନ୍ଦ୍ରପୁର,୧୪ା୩ (ଗଣେଶ୍ୱର ସା)** କେନ୍ଦୁଝର ଜିଲା ହରିଡ଼ାପାଳ ପଞ୍ଚାୟତ ମଙ୍ଗଳପୁର ଗ୍ରାମରେ ଦୀର୍ଘଦିନ ଧରି ଅନ୍ଧାରରେ ଗ୍ରାମବାସୀମାନେ ରହି ଆସୁଥିଲେ। ଲାଇଟ୍ ଲଗାଇବା ପାଇଁ ସରପଞ୍ଚଙ୍କଠାରୁ ଆରମ୍ଭ କରି ବିଭିନ୍ନ ମହଲରେ ଅଭିଯୋଗ ହେଉଥିଲା। ସମସ୍ୟାର ସମାଧାନ ପାଇଁ ଆନନ୍ଦପୁର ବ୍ଲକ୍ ଅଧ୍ୟକ୍ଷା ଅଞ୍ଜନା ବାରିକ ଓ ହରିଡ଼ାପାଳ ସରପଞ୍ଚ ମିନତୀ ମହାରଣାଙ୍କ ନେତୃତ୍ୱରେ ଆଲୋକୀକରଣ ବ୍ୟବସ୍ଥା ପାଇଁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପାଣ୍ଠିରୁ ୧୦ଟି ଷ୍ଟ୍ରିଟ୍ ଲାଇଟ୍ ପ୍ରଦାନ କରିଥିଲେ। ଦୀର୍ଘଦିନର ଦାବି ପରେ ଗୁରୁବାର ଷ୍ଟ୍ରିଟ୍ ଲାଇଟ୍ ଲାଗିବା ଯୋଗୁ ଗ୍ରାମବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି।

## ମୟୂରଭଞ୍ଜ

### ଶାଳିଆପତନି ଉଦ୍ଧାର



**ମୋରଡ଼ା,୧୪ା୩(ସ୍ମାରକ ମାଜୀ)** ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ କୋହି ଛକ ହାଟ ପଡ଼ିଆରୁ ବନ ବିଭାଗ ଏକ ବିଲୁପ୍ତ ପ୍ରାୟ ଶାଳିଆ ପତନି ଉଦ୍ଧାର କରିଛି। ସୂଚନା ଅନୁଯାୟୀ, ଖବରଦାତା ଜ୍ଞାନ ରଞ୍ଜନ ବେହେରା ଉକ୍ତ ଶାଳିଆ ପତନିକୁ କୁକୁର ଆକ୍ରମଣ କରୁଥିବା ଦେଖିଥିଲେ। କୁକୁରଙ୍କୁ ଘଉଡ଼ାଉ ସେ ଶାଳିଆ ପତନିକୁ ଉଦ୍ଧାର କରିବା ସହ ବନ ବିଭାଗକୁ ଖବର ଦେଇଥିଲେ। ଫରେଷ୍ଟ ଗାର୍ଡ ଜ୍ୟୋତ୍ସ୍ନାରାଣୀ ବେହେରା ପହଞ୍ଚି ଶାଳିଆ ପତନିକୁ ଉଦ୍ଧାର କରିଥିଲେ। ଚିକିତ୍ସା ପରେ ଉକ୍ତ ତାହାକୁ ସଂରକ୍ଷିତ ଜଙ୍ଗଲରେ ଛାଡ଼ି ଦିଆଯିବ ବୋଲି ଫରେଷ୍ଟ ଗାର୍ଡ ବେହେରା କହିଛନ୍ତି।

### ଛାତ୍ରୀ ନିବାସ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ

**ଉଦଳା,୧୪ା୩(ସନ୍ତୋଷ କୁମାର ବାଛିନୀ)** ଉଦଳା ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟର ନୂତନ ଛାତ୍ରୀ ନିବାସ ଓ ମହାବିଦ୍ୟାଳୟର ସଂପ୍ରସାରଣ ପାଇଁ ମେଣ୍ଟାଖାଇ ୱାର୍ଡନଂ.୯ରେ ଅଧ୍ୟକ୍ଷ ଶଶୀଭୂଷଣ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଭିତିପ୍ରସ୍ତର ସ୍ଥାପନ ହୋଇଛି। ରାଜ୍ୟ ସରକାର ଛାତ୍ରୀ ମାନଙ୍କର ଶିକ୍ଷାର ଉନ୍ନତି ପାଇଁ ୬ କୋଟି ଟଙ୍କାର ଅନୁକମ୍ପା ରାଶି ଏହି ମହାବିଦ୍ୟାଳୟ ଛାତ୍ରୀନିବାସ ନିର୍ମାଣ ପାଇଁ ଯୋଗାଇ ଦେଇଛନ୍ତି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ଭାସ୍କର ଚନ୍ଦ୍ର ମଢେଇ, ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ଉପଜିଲାପାଳ ସୁଶାନ୍ତ କୁମାର ବାରିକ, ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ନରେନ୍ଦ୍ର ଖମାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା, ଉପନଗରପାଳ ଲିଲିଭୋଳ, ବସନ୍ତ ପରିଡା, ଯଜ୍ଞନାରାୟଣ ମହାନ୍ତି, ଅମୀୟ କୁମାର ବଳ, ପ୍ରସନ୍ନ କୁମାର ଦାସ ଓ ପରିଚାଳନା କମିଟିର ସଭାପତି ରବିନ୍ଦ୍ର ନାଥ କଟୁଆଳ ପ୍ରମୁଖ ଯୋଗ ଦେଇଥିଲେ।

# ଦୋଷୀଙ୍କୁ ୨୦ ବର୍ଷ ଜେଲ

**ନାବାଳିକାଙ୍କୁ ବଳାତ୍କାର ମାମଲା**

**ବାରିପଦା,୧୪ା୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)** ମୟୂରଭଞ୍ଜ ଅତିରିକ୍ତ ଜିଲା ଓ ଦୌରା ଜଜ ତଥା ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ ପୋକ୍ସୋ କୋର୍ଟରେ ଗୁରୁବାର ଏକ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ସନ୍ତୋଷ କୁମାର ନାୟକ ଏହାର ବିଚାର କରି ଦୋଷୀଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ୨୦ହଜାର ଟଙ୍କା ଜରିମାନା ଓ ଅନାଦାୟ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ବୈଶିଙ୍ଗା ଥାନା ଅଧୀନ ଡେଙ୍ଗଫୌଦା ଗ୍ରାମର ଧୂମକେତୁ ସିଂ(୩୦)।

ମାମଲାର ବିବରଣୀ ଅନୁଯାୟୀ, ୨୦୨୧ ନଭେମ୍ବର ୩ରେ ନାବାଳିକା ଜଣକ ତାଙ୍କ ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ। ସମ୍ପର୍କୀୟା ମହିଳା ଜଣକ ନିଶାଗ୍ରସ୍ତ ଅବସ୍ଥାରେ ଥିବା ଜାଣି ଅଭିଯୁକ୍ତ ଧୂମକେତୁ ଓ ସହଯୋଗୀ ଜଟ ସିଂ ସେଠାରେ ପହଞ୍ଚିଥିଲେ। ଧୂମକେତୁ ନାବାଳିକାଙ୍କୁ ବଳାତ୍କାର କରିଥିବା ବେଳେ ଜଟ ସିଂ ବାହାରେ ଅପେକ୍ଷା କରିଥିଲେ। ନାବାଳିକା ଜଣକ ଚିତ୍କାର କରିବାରୁ ଉଭୟ ସେଠାରୁ ଫେରାର ହୋଇ ଯାଇଥିଲେ। ପଡ଼ୋଶୀ ଲୋକେ ନାବାଳିକାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏନେଇ ନାବାଳିକାଙ୍କ ପରିବାର ଲୋକେ ବୈଶିଙ୍ଗା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ପୀଡ଼ିତାଙ୍କ ବୟାନ ରେକର୍ଡ କରିବା ପରେ ଏକ ମାମଲା (ନଂ.୩୨୩/୨୧) ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟଚାଲାଣ କରିଥିଲା। ପ୍ରମାଣ ଅଭାବରୁ ଜଟ ସିଂଙ୍କୁ କୋର୍ଟ ନିର୍ଦ୍ଦୋଷରେ ଖଲାସ କରି ଦେଇଥିବା ବେଳେ ପୀଡ଼ିତାଙ୍କୁ ୪ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ ପାଇଁ ଜିଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ମାମଲାକୁ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ପରିଚାଳନା କରୁଥିଲେ।

# ଭେଣ୍ଡିଂ ଜୋନ୍‌ର ଶିଳାନ୍ୟାସ



ଶିଳାନ୍ୟାସ କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି ଓ ଅନ୍ୟମାନେ।

**ବାରିପଦା,୧୪ା୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)** ବାରିପଦା ପୌରପରିଷଦ ପକ୍ଷରୁ ମଧୁବନଠାରେ ଭେଣ୍ଡିଂ ଜୋନ୍ ନିର୍ମାଣ ନେଇ ଶିଳାନ୍ୟାସ କରାଯାଇଛି। ଉଠା ଦୋକାନୀମାନଙ୍କୁ ଥଇଥାନ କରିବା ପାଇଁ ଉକ୍ତ ଭେଣ୍ଡିଂ ଜୋନ ନିର୍ମଣ ହେବାକୁ ଯାଉଛି ବୋଲି ପୌରପରିଷଦ ପକ୍ଷରୁ କୁହାଯାଇଛି। ଏନେଇ ଗୁରୁବାର ଶିଳାନ୍ୟାସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ଉପାଧ୍ୟକ୍ଷ ସୀମା ଦାସ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ.ମଧୁସ୍ମିତା ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ବାରିପଦା ସହରରେ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଜାରି ରହିଛି। ସହରର ସୌନ୍ଦର୍ଯ୍ୟକରଣ ପାଇଁ ଜବରଦଖଲ ଉଚ୍ଛେଦ କରାଯାଉଥିବା ବେଳେ ଉଠା ଦୋକାନୀମାନଙ୍କୁ ଥଇଥାନ ପାଇଁ ଭେଣ୍ଡିଂ ଜୋନ ପ୍ରସ୍ତୁତ କରାଯାଉଛି। ରାଜ୍ୟ ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଉଠା ଦୋକାନୀମାନଙ୍କ ଥଇଥାନ ପାଇଁ ଏହି ଭେଣ୍ଡିଂ ଜୋନ ବ୍ୟବସ୍ଥା କରାଯାଇଛି। ଉକ୍ତ ଯୋଜନାରେ ବାରିପଦା ପୌରପରିଷଦ ପକ୍ଷରୁ ମୁଖ୍ୟମନ୍ତ୍ରୀ କର୍ମତତ୍ପର ଯୋଜନା (ମୁକ୍ତା) ଜରିଆରେ ଉକ୍ତ ଭେଣ୍ଡିଂ ଜୋନ୍ ନିର୍ମାଣ କରାଯିବ। ଶିଳାନ୍ୟାସ କାର୍ଯ୍ୟକ୍ରମରେ ସମସ୍ତ ୱାର୍ଡର କାଉନସିଲର, ପୌର କର୍ମଚାରୀ ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

## ଜଙ୍ଗଲ ନିଆଁ ରୋକିବା ଲାଗି ସଚେତନତା ରାଲି

**ବୈଶିଙ୍ଗା,୧୪ା୩(ରତନ ଦାଶ)** ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅନ୍ତର୍ଗତ ମୋହନପୁରଠାରୁ କ୍ଷିରୀପଦା ପର୍ଯ୍ୟନ୍ତ ଜଙ୍ଗଲ ନିଆଁ ରୋକିବା ଲାଗି ବନ ବିଭାଗ ପକ୍ଷରୁ ସଚେତନତା ରାଲି ଆୟୋଜିତ ହୋଇଯାଇଛି। ସକାଳେ ଶିଳପୁରିଆଠାରୁ ନଡପୁର ପର୍ଯ୍ୟନ୍ତ ମଧ୍ୟ ଏହି ଭଳି ଏକ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଶୋଭାଯାତ୍ରାକୁ ବନରକ୍ଷୀ ପ୍ରଶାନ୍ତ ସିଂ ସାମନ୍ତ ଓ ତାଙ୍କ ଟିମ ପରିଚାଳନା କରୁଥିଲେ। ମୁଖ୍ୟ ଅତିଥି ଭାବେ ବେତନଟୀ ବନାଞ୍ଚଳ ଅଧିକାରୀ ମନଓର ଖାଁ ଯୋଗ ଦେଇଥିଲେ। ମୋହନପୁର,ପଦ୍ମପୁର,ହାତୀପତୁକା, କ୍ଷିରୀପଦା, ଶିଳପୁରିଆ ଓ ନଡପୁର ଆଦି ଗ୍ରାମର ଜଙ୍ଗଲ ସୁରକ୍ଷା କମିଟିର ସଦସ୍ୟମାନଙ୍କ ସହ ଗଜସାଥୀମାନେ ମଧ୍ୟ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଜଙ୍ଗଲ ନିକଟବର୍ତ୍ତୀ ଅଧିବାସୀମାନଙ୍କ ମଧ୍ୟରେ ସଚେତନତା ଅଭାବରୁ ଗ୍ରୀଷ୍ମଋତୁ ଆରମ୍ଭରୁ ବିଭିନ୍ନ ସ୍ଥାନରେ ଜଙ୍ଗଲରେ ନିଆଁ ଲାଗିବା ଆରମ୍ଭ ହେଲାଣି। ଫଳରେ ବହୁ ମୂଲ୍ୟବାନ ଔଷଧୀୟ ବୃକ୍ଷଲତା ଜଳିପୋଡ଼ି ପାଉଁଶ ହୋଇଯାଉଛି ବୋଲି ମତ ପ୍ରକାଶ ପାଇବା ସହ ବୈଶିଙ୍ଗା ନିକଟରେ ଏକ ଦମକଳ କେନ୍ଦ୍ର ସ୍ଥାପନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## କେନାଲକୁ ଟ୍ରାକ୍ଟର ଖସି ଚାଳକ ମୃତ



କେନାଲ ମଧ୍ୟକୁ ଖସି ପଡ଼ିଥିବା ଟ୍ରାକ୍ଟର।

**ବାରିପଦା,୧୪ା୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)** ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ଅଧୀନ ସୁବର୍ଣ୍ଣରେଖା କେନାଲକୁ ଗୁରୁବାର ଏକ ଟ୍ରକ୍ଟର ଖସି ପଡ଼ିବାରୁ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସ୍ଥାନୀୟ ପାଣ୍ଡରା ଗ୍ରାମର ସୁକେନ୍ଦୁ ବିକାଶ ସିଂହ। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା (ନଂ. ୫୬/୨୪) ରୁଜୁ କରି ତଦନ୍ତ ଜାରି ରଖିଛି।

# ଜବତ ୬୦ ମୋବାଇଲ ଫେରସ୍ତ ଦେଲେ ଏସ୍‌ପି

**ବାରିପଦା,୧୪ା୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)** ମୟୂରଭଞ୍ଜ ଜିଲା ପୋଲିସ ମୁଖ୍ୟାଳୟରେ ଗୁରୁବାର ମୋବାଇଲ ଫେରସ୍ତ ମେଳା ଅନୁଷ୍ଠିତ ହୋଇଛି। ଜିଲା ଆରକ୍ଷୀ ଅଧିକ୍ଷକ ଏସ୍.ସୁଶ୍ରୀ ଉପସ୍ଥିତ ରହି ଜବତ ହୋଇଥିବା ୬୦ଟି ମୋବାଇଲକୁ ଉପଯୁକ୍ତ ପ୍ରମାଣ ଦର୍ଶାଇଥିବା ବ୍ୟବହାରକାରୀମାନଙ୍କୁ ପ୍ରଦାନ କରିଛନ୍ତି। ଜିଲାରେ ମୋବାଇଲ ଛିନତାଇ ଘଟଣା ଏବଂ ବ୍ୟବହାରକାରୀଙ୍କ ଅଜାଣତରେ ହଜିଯାଇଥିବା ମୋବାଇଲଗୁଡ଼ିକ ଉଦ୍ଧାର କରାଯାଇଥିଲା। ମୋବାଇଲ ହଜିବା ପରେ ଅଭିଯୋଗକୁ ନେଇ ପୋଲିସ ପକ୍ଷରୁ ଅତ୍ୟାଧୁନିକ ସଫ୍ଟୱାର ମାଧ୍ୟମରେ ଉଦ୍ଧାର କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଆରକ୍ଷୀ ଅଧିକ୍ଷକ ଉମାଶଙ୍କର ମହାରଣା, ଡିଏସ୍‌ପି ଦୋଳମଣି ଭୋଇ, ସାଇବର ଥାନାଧିକାରୀ ପ୍ରଭୁକଲ୍ୟାଣ ଆଚାର୍ଯ୍ୟଙ୍କ ସମେତ ଅଧିକାରୀମାନେ ଉପସ୍ଥିତ ଥିଲେ।




ଏସ୍‌ପି ଏସ୍.ସୁଶ୍ରୀ ଜଣେ ବ୍ୟବହାରକାରୀଙ୍କୁ ମୋବାଇଲ ପ୍ରଦାନ କରୁଛନ୍ତି।

**ପ୍ରବଳ ବର୍ଷାରେ ଡାକ୍ତରଖାନାରେ ପାଣି**

ଜଳେଶ୍ୱର, (ରବିନାରାୟଣ ପାତ୍ର): ବୁଧବାର ହଠାତ୍ କାଳବୈଶାଖୀ ପ୍ରଭାବରେ ଜଳେଶ୍ୱର ଅଞ୍ଚଳରେ ପ୍ରବଳ ବର୍ଷା ସହ ପବନ ହୋଇଥିଲା। ପ୍ରାୟ ୨୦ମିନିଟ୍ ଧରି ଏପରି ଲାଗି ରହିବାରୁ ବହୁ ଚାଳଛପର, ଆଜବେଷ୍ଟସ, ଟିଣ ଓ ଟାଇଲ ଘର ଛପର କ୍ଷତିଗ୍ରସ୍ତ ହୋଇଛି। ଜଳେଶ୍ୱରର ଜିକେଭିଙ୍କର ଡାକ୍ତରଖାନା ମଧ୍ୟରେ ପ୍ରବେଶ କରିବାରୁ ରୋଗୀମାନେ ହଇରାଣ ହୋଇଛନ୍ତି। ଜିଲା ପ୍ରୋଜେକ୍ଟ ମ୍ୟାନେଜର ଅନୀଲ ମହାନ୍ତି ଡାକ୍ତରଖାନା ପରିସରରୁ ବର୍ଷାପାଣି ନିଷ୍କାସନ ଲାଗି ସ୍ୱତନ୍ତ୍ର ଯୋଜନା କାର୍ଯ୍ୟକାରୀ ହେବାକୁ କହିଥିବା ବେଳେ ଫଳ ଶୂନ।

# ପଞ୍ଚାୟତ ସମିତି ବୈଠକରେ ହଟ୍ଟଗୋଳ

**ବାଲିଆପାଳ, ୧୪।୩(ଗୋପାଳ ଚନ୍ଦ୍ର ସାହୁ)**

ବାଲିଆପାଳ ବ୍ଲକ ସଭାଗୃହ ମଧ୍ୟରେ ବୁଧବାର ବାଲିଆପାଳ ପଞ୍ଚାୟତ ସମିତିର ପଞ୍ଚମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଗକୁ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ବିଭିନ୍ନ ଦାବି ନେଇ ସରପଞ୍ଚ, ସମିତିସଦସ୍ୟ ଓ ଜିଲା ପରିଷଦ ସଦସ୍ୟଙ୍କ ମଧ୍ୟରେ ହଟ୍ଟଗୋଳ ହୋଇଥିଲା।

ବୈଠକ ଆରମ୍ଭରେ ପ୍ରଥମେ ଖାଉଟି ଓ ଯୋଗାଣ ବିଭାଗ ବିଷୟରେ ଆଲୋଚନା ଆରମ୍ଭ ହୋଇଥିଲା। ବହୁ ଯୋଗ୍ୟ ହିତାଧିକାରୀ ରାଶନ ପାଉ ନ ଥିବା ବେଳେ ବହୁ ଅଯୋଗ୍ୟ ହିତାଧିକାରୀ କଳ କୌଶଳ କରି ରାଶନକାର୍ଡ଼ ହାତେଇଥିବା ନେଇ ବହୁ ବାକ୍‌ବିତଣ୍ଡା ଲାଗିଥିଲା। ଏନେଇ ଯୋଗାଣ ଅଧିକାରୀ ଅମ୍ବିକା ପ୍ରସାଦ ରଥ କହିଥିଲେ ଯେ, ଅଯୋଗ୍ୟ ହିତାଧିକାରୀଙ୍କ ସମ୍ପର୍କରେ ସୂଚନା ମିଳିବା ମାତ୍ରେ ସେମାନଙ୍କର ନାମକୁ ରାଶନକାର୍ଡରୁ ବାଦ୍ ଦିଆଯାଉଛି। ଯୋଗାଣ ଓ ଖାଉଟି ବିଭାଗ ବିଭାଗ ସହିତ ସ୍ୱାସ୍ଥ୍ୟ ବିଭାଗ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟ ବିଷୟରେ ଆଲୋଚନା ହୋଇଥିଲା। କୁଣ୍ଡୁଳି ହାଟ ପାଖରୁ ବଣିଆଡ଼ିହା ପର୍ଯ୍ୟନ୍ତ ମରାମତି ହେଉଥିବା ଆର୍‌ଡ଼ି ରୋଡ଼ରେ ପିଚୁ କାମ ନିମ୍ନମାନର ହେଉଛି ଯାହାକି ଗୋଟାଏ ଦିନ ପରେ ରାସ୍ତାରୁ ପିଚୁ ଉଠିଯାଉଛି। ତେଣୁ ଏମ୍‌ପିଙ୍କ ପ୍ରତିନିଧି ମହେଶ୍ୱର ଜେନା ଏହି କାର୍ଯ୍ୟକୁ ଭିଜିଲାନ୍ସ ତଦନ୍ତ ପାଇଁ ପ୍ରସ୍ତାବ ଆଗତ କରିଥିଲେ। ସେହିପରି ଜଗତିପୁର ଅଙ୍ଗନୱାଡ଼ି ୨ର ଘର କାମ ଦୀର୍ଘଦିନ ଧରି ସରିଥିଲେ ମଧ୍ୟ ଠିକାଦାର ବିଲ୍ ପାଇ ନ ଥିବାରୁ ନିର୍ମାଣ ହୋଇଥିବା ଅଙ୍ଗନୱାଡ଼ି ଘରକୁ ହସ୍ତାନ୍ତର ନ କରି ନିଜ କବ୍‌ଜାରେ ରଖିଛନ୍ତି। ପ୍ରକାଶ ଥାଉ କି ଉକ୍ତ ଘର କାର୍ଯ୍ୟାଦେଶ ବ୍ଲକ ବିଭାଗୀୟ ଅଧିକାରୀଙ୍କ ନାମରେ ଥିବାରୁ ବିଲ୍ ଉଠିସାରିଥିଲେ ମଧ୍ୟ ଘର ନିର୍ମାଣ କରିଥିବା ଠିକାଦାର ବିଲ୍ ପାଇନାହାନ୍ତି ବୋଲି ଜଗତିପୁର ସମିତି ସଦସ୍ୟ ଶାନ୍ତନୁ ମହାପାତ୍ର ଅଭିଯୋଗ କରିବା ସହିତ ଭିଜିଲାନ୍ସ ତଦନ୍ତ ପାଇଁ ପ୍ରସ୍ତାବ ରଖିଥିଲେ। ପ୍ରତି ପଞ୍ଚାୟତରେ ବିଭିନ୍ନ ସ୍ଥାନରେ ଲାଗୁଥିବା ଷ୍ଟ୍ରିଟଲାଇଟ ବିଷୟରେ ସରପଞ୍ଚମାନେ ଜାଣି ପାରୁ ନ ଥିବା ଅଭିଯୋଗ କରିଥିଲେ। ଜନ ପ୍ରତିନିଧିମାନଙ୍କୁ ଉପେକ୍ଷା କରାଯାଉଥିବା କଥା ସରପଞ୍ଚମାନେ ଅଭିଯୋଗ ଆଣିବାରୁ ବିଡ଼ିଓ ଓ ସରପଞ୍ଚଙ୍କ ମଧ୍ୟରେ ହୋହାଲ୍ଲା ହୋଇଥିଲା। ଗୃହପାଳିତ ପ୍ରାଣୀମାନେ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରୁଥିବା ନେଇ ଆଲୋଚନା ହୋଇଥିଲା। ମୁଖ୍ୟମନ୍ତ୍ରୀଙ୍କ ଫଟୋଚିତ୍ର ଥିବା କଭର ମଧ୍ୟରେ ୧ ହଜାର ଟଙ୍କା ବିଭିନ୍ନ ଭତ୍ତା ପ୍ରଦାନକୁ କେନ୍ଦ୍ର କରି ଗୃହରେ ଜୋରଦାର ହଟ୍ଟଗୋଳ ହୋଇଥିଲା। ପଞ୍ଚାୟତ ସମିତି ଅଧ୍ୟକ୍ଷା ରଞ୍ଜିତା ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବାଲିଆପାଳ ବିଡ଼ିଓ ବିନୋଦ ଚନ୍ଦ୍ର ପଣ୍ଡା, ଉପାଧ୍ୟକ୍ଷ ରାଜେଶ ଚୌଧୁରୀ, ବାଲେଶ୍ୱର ଏମ୍‌ପିଙ୍କ ପ୍ରତିନିଧି ମହେଶ୍ୱର ଜେନା, ୨୩ ନମ୍ବର ଜୋନ୍ ଜିଲା ପରିଷଦ ସଦସ୍ୟ ବେଣୁଧର ଜେନା, ୨୨ନମ୍ବର ଜୋନ୍ ଜିଲା ପରିଷଦ ସଦସ୍ୟ ନିଶାକର ସେଠୀ, ଜିପିଓ ରଞ୍ଜନ ଆଚାର୍ଯ୍ୟଙ୍କ ସହିତ ସମସ୍ତ ନବନିର୍ବାଚିତ ସରପଞ୍ଚ ଓ ସମିତି ସଦସ୍ୟଙ୍କ ସହିତ ବ୍ଲକର ସମସ୍ତ ଲାଇନ ଡିପାର୍ଟମେଣ୍ଟ ଅଫିସର ଉପସ୍ଥିତ ଥିଲେ।



ବାଲିଆପାଳ ପଞ୍ଚାୟତ ସମିତି ବୈଠକ।

# ବେଆଇନ ବାଲି ଉତ୍ତୋଳନକୁ ବିରୋଧ କରି ରାସ୍ତାରୋକୋ



ମହିଳାମାନେ ରାସ୍ତା ଅବରୋଧ କରିଛନ୍ତି।

**ବାଲିଆପାଳ(ଅମୂଲ୍ୟ କୁମାର ଦାସ/ ଗୋପାଳ ଚନ୍ଦ୍ର ସାହୁ)/ କାଳିପଦା(ରାଜଶ୍ରୀ ପାଣିଗ୍ରାହୀ), ୧୪।୩**

ବାଲେଶ୍ୱର ଜିଲା ବାଲିଆପାଳରେ ସୁବର୍ଣ୍ଣରେଖା ନଦୀରୁ ବେଆଇନ ବାଲି ଉତ୍ତୋଳନକୁ ବିରୋଧ କରି ବାଲିଆପାଳ-କମର୍ଦ୍ଦା ମୁଖ୍ୟରାସ୍ତାର ଛୋଟଖାନପୁରଠାରେ ଟାୟାର ଜାଳି ଗ୍ରାମବାସୀ ରାସ୍ତା ଅବରୋଧ କରିଛନ୍ତି। ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ସୁରକ୍ଷା ଦୃଷ୍ଟିରୁ ୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି।

ବାଲିଆପାଳ ଥାନା ଅଧୀନ କଣ୍ଠାପାଳ ଏବଂ ଛୋଟଖାନପୁରଠାରେ ସୁବର୍ଣ୍ଣରେଖା ନଦୀରୁ ମାଫିଆମାନେ ଦିନ ରାତି ବେଆଇନ ଭାବେ ବାଲି ଉତ୍ତୋଳନ କରି ଟ୍ରାକ୍ଟର ଏବଂ ଡମ୍ପର ସାହାଯ୍ୟରେ ଚୋରାଚାଲାଣ କରୁଛନ୍ତି। ଏହାଦ୍ୱାରା ନଦୀକୂଳ ଖାଇ ଗାଁ ପ୍ରତି ବିପଦ ଆଣୁଛି। ଅନ୍ୟପଟେ ବେଆଇନ ବାଲି ଗାଡିଗୁଡ଼ିକ ଦ୍ରୁତଗତିରେ ରାସ୍ତାରେ ଯାତାୟାତ କରୁଥିବାରୁ ଅନେକ ସମୟରେ ଛୋଟ ବଡ ଦୁର୍ଘଟଣା ଘଟୁଛି। ଏହାକୁ ବିରୋଧ କରି ଗ୍ରାମବାସୀ ବାଲିଆପାଳ ଥାନା ଏବଂ ତହସିଲଦାରଙ୍କ ନିକଟରେ ବାରମ୍ବାର ଅଭିଯୋଗ କରି ନିରାଶ ହେବା ପରେ ଗୁରୁବାର ବାଧ ହୋଇ ଛୋଟଖାନପୁର ଛକରେ ଶତାଧିକ ଗ୍ରାମବାସୀ ବାଲିଆପାଳ-କମର୍ଦ୍ଦା ମୁଖ୍ୟରାସ୍ତାରେ ଟାୟାର ଜାଳି ରାସ୍ତାରୋକୋ କରିଛନ୍ତି। ବାଲିଆପାଳ ଅତିରିକ୍ତ ତହସିଲଦାର ଏବଂ ବସ୍ତା ଏସ୍‌ଡିପିଓ ପହଞ୍ଚି ଲୋକଙ୍କ ସହିତ ଆଲୋଚନା ଜାରି ରଖିଛନ୍ତି।

# ପାଣି ପାଇଁ ତାତିଲେ ମହିଳା

## ମଥାନୀ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା

**ରୂପସା, ୧୪।୩(ବାଞ୍ଛାନିଧି ଦେ)**

ବାଲେଶ୍ୱର ଜିଲା ବସ୍ତା ବ୍ଲକ ଅଧୀନ ମଥାନୀ ପଞ୍ଚାୟତରେ ବୁଧବାର ଉତ୍ତେଜନା ଦେଖାଦେଇଛି। ୩ଶହ ପରିବାର ପାଣି ପାଇଁ ଡହଳବିକଳ ହେଉଥିବାରୁ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସରପଞ୍ଚ ମମତାରାଣୀ ସିଟ ପାନୀୟ ଜଳର ସ୍ଥାୟୀ ସମାଧାନ କରାଯିବା ସହ ବର୍ତ୍ତମାନ ଟ୍ୟାଙ୍କର ଯୋଗେ ଜଳ ଯୋଗାଣ ବ୍ୟବସ୍ଥା ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

ମଥାନୀ ପଞ୍ଚାୟତ ଅଧୀନ ୪ଟି ୱାର୍ଡ଼ ବିଶିଷ୍ଟ ସାନଖୁଡ଼ି ଗ୍ରାମରେ ୩ଶହ ପରିବାର ବାସ କରନ୍ତି। ଏଠାରେ ଥିବା ୨ଟି ସରକାରୀ ନଳକୂପ ଏବେ ଅଚଳ ହୋଇପଡ଼ିଛି। ବସୁଧା ଯୋଜନାରେ ନୂତନ ଭାବେ ହୋଇଥିବା ପ୍ରକଳ୍ପ ଏଯାବତ୍ କାର୍ଯ୍ୟକ୍ଷମ ହୋଇ ନ ଥିବାରୁ ଲୋକେ ପାଣି ପାଇ ପାରୁନାହାନ୍ତି। ପାଣି ସମସ୍ୟା ସହ ସମସ୍ତଙ୍କୁ ପାଇଖାନା ମିଳି ନ ଥିବା ଅଭିଯୋଗ ହୋଇଛି। ଦୀର୍ଘଦିନ ଧରି ୩ଲକ୍ଷ ଟଙ୍କାର ନିର୍ମାଣାଧୀନ କଂକ୍ରିଟ ରାସ୍ତା ଏଯାବତ ସମ୍ପୂର୍ଣ୍ଣ ହେଉ ନାହିଁ। ବାରମ୍ବାର ଅଭିଯୋଗ ପରେ ପଞ୍ଚାୟତ ଏବଂ ବିଭାଗୀୟ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ଉତ୍ତେଜନା ଦେଖାଦେଇଛି। ଗ୍ରାମର ମହିଳା ମନୋରମା ଦାସ, ଲକ୍ଷ୍ମୀମଣି ଦାସ, ଅପୂର୍ବ ଦାସ, ସରସ୍ୱତୀ ଦାସ, ପାର୍ବତୀ ଦାସ, ମୀନତି ଦାସ, ହେମଲତା ଦାସ, ଜୟନ୍ତୀ ଦାସ, ତାରାମଣି ଦାସ, ମିଳିରାଣୀ ଦାସ ଓ ବାସନ୍ତୀ ବେହେରା ପ୍ରମୁଖ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ ଫାଟକ ସମ୍ମୁଖରେ ଆନ୍ଦୋଳନ କରିଥିଲେ।

# ଦର୍ଶକଙ୍କ ମନ ମୋହିଲେ ସବ୍ୟସାଚୀ, ପୁପିନ୍ଦର



ଚତୁର୍ଥ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି।

## ଅନ୍ତରା ମହୋତ୍ସବର ୩ୟ, ୪ର୍ଥ ସନ୍ଧ୍ୟା

**ଖଇରା, ୧୪।୩(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଖଇରା ବ୍ଲକର ଅନ୍ତରା ହାଇସ୍କୁଲ ପଡିଆରେ ୩ୟ ଓ ୪ର୍ଥ ସନ୍ଧ୍ୟାର କାର୍ଯ୍ୟକ୍ରମକୁ ହଜାର ହଜାର ଦର୍ଶକ ମନଭରି ଉପଭୋଗ କରିଛନ୍ତି। ତ୍ରିଲୋଚନ ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ତୃତୀୟ ସନ୍ଧ୍ୟାର ସଭାରେ ସାମାଜିକ କର୍ମୀ ତଥା ଓଡିଶା ସରକାରଙ୍କ କଳା, ସଂସ୍କୃତି ଓ ମାନବ ସମ୍ବଳ ବିକାଶ ରାଜ୍ୟ ସମ୍ପାଦକ ଶଶିକୁମାର ସାହୁ ମୁଖ୍ୟଅତିଥି, ଜଗନ୍ନାଥ ଗ୍ରୁପ ଅଫ ଇନିଷ୍ଟିଚ୍ୟୁଶନର ଅଧ୍ୟକ୍ଷ ଗଙ୍ଗାଧର ଜେନା ମୁଖ୍ୟବକ୍ତା, ବରଦା ସରପଞ୍ଚ ପରୀକ୍ଷିତ ମହାପାତ୍ର, ସରପଞ୍ଚ ରଶ୍ମିତା ଯେନା, ସମିତିସଭ୍ୟା ସବିତାରାଣୀ ପଣ୍ଡା, କମିଟି ସମ୍ପାଦକ ଜ୍ୟୋତିରଞ୍ଜନ ପଣ୍ଡା ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ଚଳଚ୍ଚିତ୍ର ଅଭିନେତା ସବ୍ୟସାଚୀ ଓ ଅଭିନେତ୍ରୀ ଅର୍ଚ୍ଚିତାଙ୍କ ସଂଳାପକୁ ଦର୍ଶକ ତାଳିମାରି ସ୍ୱାଗତ କରିଥିଲେ। ସେହିଭଳି ଚତୁର୍ଥ ସନ୍ଧ୍ୟାରେ ବାଲେଶ୍ୱର ଭଦ୍ରକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସଭାପତି ତଥା ଯୁବ ସଙ୍ଗଠକ ଗଣେଶ ପ୍ରସାଦ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କଳା, ସଂସ୍କୃତିକୁ ଉଦ୍‌ଜୀବିତ କରିବାରେ ମହୋତ୍ସବର ବଡ ଭୂମିକା ରହିଛି ବୋଲି କହିଥିଲେ। ବ୍ୟଙ୍ଗ କବି ଗଗନ ସେଠୀ, ଯୁବ ସଙ୍ଗଠକ ସୁବାଷ ଚନ୍ଦ୍ର ପଣ୍ଡା ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରସିଦ୍ଧ ଓଲିଉଡ କଳକାର ପୁପିନ୍ଦରଙ୍କ ମନଛୁଆଁ ସଂଳାପ ଦର୍ଶକଙ୍କୁ ବିମୋହିତ କରିଥିଲା। କୁନି କୁନି କଳକାରମାନଙ୍କ ଦ୍ୱାରା ନୃତ୍ୟଗୀତ ପରିବେଷଣ କରାଯାଇଥିଲା।

# ବସ୍ ଚଳାଚଳକୁ ନେଇ ବସ୍‌ଷ୍ଟାଣ୍ଡରେ ଗଣ୍ଡଗୋଳ

**ବାଲେଶ୍ୱର,୧୪।୩(ମାନସ ବିଶ୍ୱାଳ):** ବାଲେଶ୍ୱର ସହଦେବଖୁଣ୍ଟାସ୍ଥିତ ବସ୍‌ଷ୍ଟାଣ୍ଡରେ ବସ୍ ଚଳାଚଳ ସମୟକୁ ନେଇ ବସ୍‌ଷ୍ଟାଣ୍ଡ ସୁପରଭାଇଜର ଓ ବସ୍ ମାଲିକଙ୍କ ମଧ୍ୟରେ ଗୁରୁବାର ଗଣ୍ଡଗୋଳ ହୋଇଥିଲା। ପରେ ଉଭୟଙ୍କ ସମର୍ଥକଙ୍କ ମଧ୍ୟରେ ଗଣ୍ଡଗୋଳ ଉଗ୍ରରୂପ ଧାରଣ କରିଥିଲା। ପରେ ସହଦେବଖୁଣ୍ଟା ଥାନାରେ ବାଲେଶ୍ୱର ମୋଟର ସଂଘ ଏବଂ ବସ୍ ମାଲିକ ପ୍ରଶାନ୍ତ କୁମାର ବାରିକଙ୍କ ପକ୍ଷରୁ ସହଦେବଖୁଣ୍ଟା ଥାନାରେ ଦୁଇଟି ଲିଖିତ ଅଭିଯୋଗ କରାଯାଇଛି।

ବସ୍ ମାଲିକ ବାରିକ ୨୦୧୯ରେ ଏକ ବସ୍ ଆଣି ଆଞ୍ଚଳିକ ପରିବହନ ବିଭାଗ ବାଲେଶ୍ୱରଠାରୁ ପରମିଟ୍ ପାଇବା ପରେ ଚଳାଚଳ କରିଥିଲେ। ଏହାକୁ ବାଲେଶ୍ୱର ମୋଟର ସଂଘ ପକ୍ଷରୁ ବିରୋଧ କରାଯାଇଥିଲା। ଗତ ମଙ୍ଗଳବାର ବାରିକଙ୍କ ବସ୍‌ଟି ଷ୍ଟାଣ୍ଡରେ ଥିବାବେଳେ ତାର କାଚ ଭଙ୍ଗାଯାଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ଗୁରୁବାର ବାରିକ ବସ୍‌ଷ୍ଟାଣ୍ଡରେ ପହଞ୍ଚିବା କ୍ଷଣି ଥାନାରେ ଅଭିଯୋଗ କରିଥିବା ଘଟଣାକୁ ନେଇ ବସ୍‌ଷ୍ଟାଣ୍ଡ ସୁପରଭାଇଜରଙ୍କ ସହ ପାଟିତୁଣ୍ଡ ହୋଇଥିଲା। ବସ୍‌ଷ୍ଟାଣ୍ଡ ସଂଘ କର୍ମଚାରୀମାନେ ମିଳିତ ଭାବେ ବାରିକଙ୍କ କାର୍ଯ୍ୟକୁ ବିରୋଧ କରିବା ସହ ଥାନାରେ ଅଭିଯୋଗ କରିଛନ୍ତି। ବସ୍‌ଷ୍ଟାଣ୍ଡରେ ବାରମ୍ବାର ଏଭଳି ଗଣ୍ଡଗୋଳ ଯୋଗୁ ଯାତ୍ରୀମାନେ ବିଭିନ୍ନ ଅସୁବିଧା ଭୋଗୁଥିବା ସଂଘ ପକ୍ଷରୁ ଅଭିଯୋଗ ଅଣାଯାଇଛି।

# ଶ୍ରେଣୀଗୃହ, ପାଚେରି, ରାସ୍ତା ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

**ଜଳେଶ୍ୱର, ୧୪।୩(ନବୀନ ସାହୁ):** ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧୀନ ରାଇବଣିଆ ପଞ୍ଚାୟତ କବାଟଘାଟିଠାରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ଶ୍ରେଣୀ ଗୃହ, ପାଚେରି ଓ ରାସ୍ତା ନିର୍ମାଣ ପାଇଁ ମଞ୍ଜୁର ହେଇଥିବା ୧କୋଟି ୩୦ଲକ୍ଷ ଟଙ୍କାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର। ଏହି ସମୟରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ମାନସ କୁମାର ଜେନା, ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀ ଅବନୀ କୁମାର ରାଉତ, ଜିଲା ପରିଷଦ ଉପାଧ୍ୟକ୍ଷା ଅନୁସୂୟା ପ୍ରଧାନ, ୭ନମ୍ବର ଜୋନ୍‌ର ଜିଲା ପରିଷଦ ତୁଳସୀ କିସ୍କୁ, ରାଇବଣିଆ ସରପଞ୍ଚ ସନ୍ଦୀପ ନାରାୟଣ ଘୋଷ, ସଦସ୍ୟା ନାଗି ହେମ୍ବ୍ରମ, ବିଜୁ ଜନତା ଦଳର ବ୍ଲକ ସଭାପତି ଦିଲୀପ ସାମଲ, ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ବ୍ରିଜେଶ ରଣା, ବିଷ୍ଣୁପଦ ଆଚାର୍ଯ୍ୟ, ବିଦ୍ୟାଳୟ ପ୍ରଧାନଶିକ୍ଷକ ଚକ୍ରଧର ଦାସ, ବିଦ୍ୟାଳୟର ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ଧୀରେନ ସାହୁ, ପ୍ରମୋଦ ସିଂ, ଦେବାଶିଷ ମହାନ୍ତି, ଶୁଚିସ୍ମିତା ସିଂ, ପ୍ରିୟଙ୍କା ଦେ ଓ ଦୁଲାରୀ ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ।



ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ଅତିଥିମାନେ।

# ଅଖିଳ ଭାରତ କୃଷକ ସଭା ପକ୍ଷରୁ ଗଣବିକ୍ଷୋଭ

**ନୀଳଗିରି, ୧୪।୩(ପ୍ରଶାନ୍ତ ବିଶ୍ୱାଳ)**

ନୀଳଗିରି ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଖିଳ ଭାରତ କୃଷକସଭା ନୀଳଗିରି ଶାଖା ତରଫରୁ ଗଣବିକ୍ଷୋଭ ସହିତ ୭ଦଫା ଦାବିପତ୍ର ବାଲେଶ୍ୱର ଜିଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ବାମପନ୍ଥୀ ନେତା କୈଳାସ ଚନ୍ଦ୍ର ପଣ୍ଡାଙ୍କ ଆବାହକତ୍ୱରେ କୃଷକମାନେ ଶୋଭାଯାତ୍ରାରେ ନୀଳଗିରି ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ କରିଥିଲେ। ୨୦୨୩ ମସିହା ଖରିଫ ଫସଲରେ କ୍ଷତିଗ୍ରସ୍ତ କୃଷକମାନଙ୍କୁ କୃଷିବୀମା ପ୍ରଦାନ ସହିତ ଦୀର୍ଘବର୍ଷ ଧରି ଜଙ୍ଗଲ ଜମିରେ ବସବାସ କରୁଥିବା ଆଦିବାସୀ ସମ୍ପ୍ରଦାୟର ଭଉଣୀଭାଇମାନଙ୍କୁ ସରକାର ପଟ୍ଟା ପ୍ରଦାନ କରନ୍ତୁ ବୋଲି ଉପସ୍ଥିତ ନେତା ଏବଂ କୃଷକ ଦାବି କରିଥିଲେ। ସେହିଭଳି ନୀଳଗିରି ଅଞ୍ଚଳରେ ଅଧାରୁ ଅଧିକ ଆଦିବାସୀ ଭୂମିହୀନ ଜଙ୍ଗଲ ଜମିରେ ବାସ କରୁଥିବା ବେଳେ ସେମାନଙ୍କ ପଟ୍ଟା ନ ଥିବାରୁ କେନ୍ଦ୍ର ସରକାରଙ୍କ ଘୋଷିତ ଏନ୍‌ଆର୍‌ସିଏ ପାଇଁ ଜେଲ ଯିବାକୁ ବାଧ ହେବେ ବୋଲି କୁହାଯାଇଥିଲା। ସମାବେଶରେ କୈଳାସ ଚନ୍ଦ୍ର ପଣ୍ଡା, ବିଜୟ କୁମାର ସ, ନିରଞ୍ଜନ ବାରିକ, ହରେକୃଷ୍ଣ ପଣ୍ଡିତ ପ୍ରମୁଖ ଉପସ୍ଥିତ ଥିଲେ।

# ଆଧ୍ୟାତ୍ମିକତା ସହ ପରିବେଶ ସୁରକ୍ଷା ଚିନ୍ତା

## ସିମୁଳିଆ ତହସିଲ ପରିସରରେ ବର ଅଶ୍ୱତ୍ଥ ବିବାହ

**ସିମୁଳିଆ, ୧୪।୩(ସନ୍ତୋଷ ନାୟକ)**

ଆଧ୍ୟାତ୍ମିକତା ସହିତ ପରିବେଶ ସୁରକ୍ଷା ପାଇଁ ବୁଧବାର ବାଲେଶ୍ୱର ଜିଲା ସିମୁଳିଆ ତହସିଲ ପରିସରେ ଥିବା ବର ଓ ଅଶ୍ୱତ୍ଥ ବୃକ୍ଷର ବିବାହ ଉତ୍ସବ ମହାଆଡମ୍ବରରେ ପାଳିତ ହୋଇଛି। ଏହି ଅବସରରେ ସକାଳ ୯ଟାରେ ଅଧିବାସ, ଡିହମଙ୍ଗଳା ଆଦି ବିବାହ ଉପଲକ୍ଷେ କର୍ମକାଣ୍ଡ ଅନୁଷ୍ଠିତ ହୋଇଥିଲା । ପରେ ସ୍ଥାନୀୟ ଶ୍ରୀ ନୀଳକଣ୍ଠେଶ୍ୱର ଓ ମା'ପାର୍ବତୀଙ୍କ ମନ୍ଦିରରେ ବିଧି ଉପଚାର ପୂଜା ଅନୁଷ୍ଠିତ ହେବା ସହିତ କଳସ ଶୋଭାଯାତ୍ରା ହୋଇଥିଲା । ପରେ ବୃକ୍ଷ ନିକଟସ୍ଥ ବିବାହ ମଣ୍ଡପରେ ସଂକଳ୍ପ, ପ୍ରତିଷ୍ଠା ଉତ୍ସବ, ହୋମଯଜ୍ଞ, ମନ୍ତ୍ର ପାଠ ଅନୁଷ୍ଠିତ ହୋଇଥିଲା । ବିଧି ଅନୁସାରେ ଅଶ୍ୱତ୍ଥ ଗଛ ସହିତ ତୁଳସୀ ଗଛ ଓ ବରଗଛ ସହିତ ବେଲ ଗଛର ବିବାହ ସମ୍ପୂର୍ଣ୍ଣ ହୋଇଥିଲା । ବରପକ୍ଷର କର୍ତ୍ତା ରୂପେ ଅତିରିକ୍ତ ତହସିଲଦାର ହରନାରାୟଣ ଦାଶ ଓ କନ୍ୟାକର୍ତ୍ତା ରୂପେ ତହସିଲର କମ୍ପ୍ୟୁଟର ବିଭାଗର ଦେବୀ ଅର୍ଚ୍ଚନା ଜେନା ଓ ତାଙ୍କ ସ୍ୱାମୀ ଅଜିତ କୁମାର ଜେନା ଥିଲେ । ମୁଖ୍ୟ ପଣ୍ଡିତ ରୂପେ ନିଶାକର ପାଣିଗ୍ରାହୀ ଓ ପ୍ରଶାନ୍ତ କୁମାର ପଣ୍ଡା ବିବାହ କର୍ମ ସମ୍ପୂର୍ଣ୍ଣ କରିଥିଲେ । ଏହି ବୃକ୍ଷ ଦୁଇଟିକୁ ସିମୁଳିଆ ତହସିଲର ପୂର୍ବତନ ଅମିନ ସ୍ୱର୍ଗତଃ ସୁରେନ୍ଦ୍ର କୁମାର ସ୍ୱାଇଁ ରୋପଣ କରିଥିଲେ । ମଧ୍ୟାହ୍ନରେ ନାରାୟଣ ସେବା ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ସହଯୋଗୀ ରୂପେ ତହସିଲର ବଡବାବୁ ମନୋରଞ୍ଜନ ବେହେରା, ମଧୁସୂଦନ ଦେହୁରୀ, ସୌମେନ୍ଦ୍ର ବେହେରା, ବନଲତା ପାତ୍ର, ମଧୁଛନ୍ଦା ନାୟକ, ସୁକୁମାର ସିଂ, କବିତାରାଣୀ ବେହେରା, ରଶ୍ମିରାଣୀ ସେଠୀ, ଆର୍‌ଆଇ ଶାରସୀ ମହାନ୍ତି, ଲମ୍ବୋଦର ଦାଶ, ଓ ତହସିଲଦାର ଅନୀଲ କୁମାର ଟୁଡୁ ପ୍ରମୁଖ ସହଯୋଗୀ ଥିଲେ ।



ସିମୁଳିଆ ତହସିଲ ପରିସରରେ ଅନୁଷ୍ଠିତ ବୃକ୍ଷ ବିବାହ ।

# ସମବାୟ ସମିତି କୃଷକର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିଛି

**ଭୋଗରାଇ, ୧୪।୩ (ପ୍ରଦୀପ ଦାସ)**

ଏବେ ନାହିଁ ମହାଜନ, ସାହୁକାର କି ଧନୀମାନଙ୍କ ଜୁଲୁମ। ସମବାୟ ସମିତି ଗଠନ ହେବାଠାରୁ କୃଷି ଓ କୃଷକର ଉନ୍ନତି ସାଧିତ ହୋଇଥିବା ବେଳେ କୃଷକର ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ପରିବର୍ତ୍ତନ ହୋଇଛି ବୋଲି ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଦେହୁର୍ଦ୍ଦା ସେବା ସମବାୟ ସମିତି ବାର୍ଷିକ ଉତ୍ସବରେ ବିଶିଷ୍ଟ ଅତିଥିମାନେ ମତ ପ୍ରକାଶ କରିଛନ୍ତି।

ସମବାୟ ସମିତି ସଭାପତି ଶ୍ରୀପତି ଭୂଷଣ ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସାଧାରଣ ସଭାରେ ମୁଖ୍ୟଅତିଥି ଭାବେ ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ଭୋଗରାଇ ଶାଖା ପରିଚାଳକ ଅନନ୍ତ କୁମାର ଦାସ, ମୁଖ୍ୟବକ୍ତା ଭାବେ ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଆଶିଷ ପାତ୍ର, ବିଶିଷ୍ଟ ଅତିଥି ଭାବେ ବ୍ଲକ ସମବାୟ ସମ୍ପ୍ରସାରଣ ଅଧିକାରୀ ବସନ୍ତ କୁମାର ଗିରି, ବିଶିଷ୍ଟ ବକ୍ତା ଭାବେ ଜିଲା ପରିଷଦ ସଦସ୍ୟ ସନ୍ତୋଷ କୁମାର ଜେନା, ସମ୍ମାନିତ ଅତିଥି ଭାବେ ପୂର୍ବତନ ରାଷ୍ଟ୍ରୀୟ ଗୌରବ ସରପଞ୍ଚ ରମାକାନ୍ତ କରଣ, ଦେହୁର୍ଦ୍ଦା ସରପଞ୍ଚ ସରସ୍ୱତୀ କରଣ, ସମିତିର ପୂର୍ବତନ ବୋର୍ଡ଼ ନିର୍ଦ୍ଦେଶକ ସୁବଳ କୁମାର ଜେନା, ସମିତିର ଉପସଭାପତି ଅରୁନ୍ଧତୀ ଦତ୍ତ ପ୍ରମୁଖ ଯୋଗଦେଇ କୃଷି ଓ କୃଷକର ଉନ୍ନତିରେ ଏହି ସମବାୟ ସମିତିର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଏହାସହିତ ଗ୍ରାମାଞ୍ଚଳର ଚାଷୀମାନଙ୍କୁ ବିଭିନ୍ନ ପ୍ରକାର କୃଷି ଋଣ, ଛେଳି, କୁକୁଡ଼ା ଆଦି ଫାର୍ମ ପ୍ରତିଷ୍ଠା, ପାନ ଚାଷ ଓ ମହିଳା ଗୋଷ୍ଠୀଙ୍କ ଉଦ୍ୟୋଗ ବିକାଶ ନିମନ୍ତେ ଆବଶ୍ୟକ ଋଣ ଯୋଗାଇ ଦେବା ସହିତ କୃଷକମାନଙ୍କୁ ଦୁର୍ଘଟଣା ବୀମା ପ୍ରଦାନ କରି ସମବାୟ ସମିତି ଗାଁର ଆର୍ଥିକ ଓ ସାମାଜିକ ବିକାଶରେ ମୁଖ୍ୟ ଭୂମିକା ଗ୍ରହଣ କରିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସରକାରୀ ସ୍ତରରେ ମିଳୁଥିବା ବିଭିନ୍ନ କୃଷକ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ମଧ୍ୟ ଆଲୋଚନା କରିଥିଲେ। ନିର୍ଦ୍ଦେଶକ ଦୀପକ କୁମାର ଗାରୁ ମଙ୍ଗଳାଚରଣ ସହିତ ସମିତିର ଚଳିତ ୨୦୨୩-୨୪ ଆର୍ଥିକ ବର୍ଷର ବିବରଣୀ ପାଠ କରିଥିଲେ। ଏହି ଅବସରରେ ୨୦୨୩-୨୪ ଆର୍ଥିକ ବର୍ଷର ଆୟବ୍ୟୟ ରିପୋର୍ଟ ସହିତ ଆସନ୍ତା ୨୦୨୪-୨୫ ଆର୍ଥିକ ବର୍ଷ ନିମନ୍ତେ ବଜେଟ ପ୍ରସ୍ତାବ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। ବୋର୍ଡ ନିର୍ଦ୍ଦେଶିକା/ନିର୍ଦ୍ଦେଶକ ଆରତୀ ଦାସ, ରାମପଦ ପଣ୍ଡା, ପ୍ରଶାନ୍ତ କୁମାର ଜେନା, ମାନସ ରଞ୍ଜନ ବାରିକ, ମଦନ ମୋହନ ବାରିକ, ହରେକୃଷ୍ଣ ମଣ୍ଡଳ, ଦୀନବନ୍ଧୁ ଜେନା, ପରେଶ ଚନ୍ଦ୍ର ଦାସ, ହରେକୃଷ୍ଣ ଦାସ, ରାଜେନ୍ଦ୍ର କର, ଶରତ କୁମାର ଜେନା, ନିମାଇଁ ଚରଣ ଆଚାର୍ଯ୍ୟ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



# ଉତ୍ତର ଓଡ଼ିଶା ବିକାଶ ପରିଷଦ, ବାଲେଶ୍ୱର ମହାନଗର ନିଗମ ଦାବି

**ବାଲେଶ୍ୱର, ୧୪।୩(ମାନସ ବିଶ୍ୱାଳ)**

ବାଲେଶ୍ୱର ସହର ସିନେମା ଛକସ୍ଥିତ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଗୁରୁବାର ଅପରାହ୍ନରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଢାଞ୍ଚାରେ ଉତ୍ତର ଓଡ଼ିଶା ବିକାଶ ପରିଷଦ ଗଠନ ଏବଂ ବାଲେଶ୍ୱର ପୌରପାଳିକାକୁ ମହାନଗର ନିଗମର ମାନ୍ୟତା ପ୍ରଦାନ ଲାଗି ଜିଲା ସଭାପତି ସଞ୍ଜୀବ ଗିରି ରାଜ୍ୟ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିଛନ୍ତି। ଗିରି ଦର୍ଶାଇଛନ୍ତି, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଗଠନ କରି ସରକାର ଚଳିତବର୍ଷ ବିକାଶ ଲାଗି ୨୫ ଶହ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। ଉତ୍ତର ଓଡ଼ିଶାରେ ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ ଓ କେନ୍ଦୁଝର ଜିଲା ଭଳି ପଛୁଆ ଜିଲାରୁ ଖଣି, ଜଙ୍ଗଲ ଶିଳ୍ପ, ଖାଦାନରୁ ପ୍ରତିବର୍ଷ ରାଜସ୍ୱ ବାବଦରେ ହଜାର ହଜାର କୋଟି ଟଙ୍କା ଆଦାୟ କରୁଛନ୍ତି। ହେଲେ ଉତ୍ତର ଓଡ଼ିଶାର ସାମଗ୍ରିକ ବିକାଶ ଦିଗରେ କୌଣସି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିନାହାନ୍ତି। ତେଣୁ ସାଧାରଣ ନିର୍ବାଚନ ପୂର୍ବରୁ ସରକାର ଉତ୍ତର ଓଡ଼ିଶା ବିକାଶ ପରିଷଦ ଗଠନ ପାଇଁ ଗେଜେଟ ନୋଟିଫିକେଶନ କରିବାକୁ ଦାବି କରିଛନ୍ତି। ଅବଶ୍ୟ ଦଳର ନେତା ନବଜ୍ୟୋତି ପଟ୍ଟନାୟକ ଏନେଇ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିବାରୁ ସାଧୁବାଦ ଜଣାଇଛନ୍ତି। ଏହାସହିତ କ୍ରମବର୍ଦ୍ଧିଷ୍ଣୁ ବାଲେଶ୍ୱର ସହରକୁ ପୌରପାଳିକାରୁ ମହାନଗର ନିଗମକୁ ପରିବର୍ତ୍ତନ କରିବାକୁ ଦାବି କରିଛନ୍ତି। ସହର ଓ ଆଖପାଖ ଅଞ୍ଚଳରେ ଜନସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଉଥିବା ବେଳେ ସହରର ଅଧିବାସୀଙ୍କ ମୌଳିକ ସୁବିଧା ଯୋଗାଇ ଦେବା ଲାଗି ଅଧିକ ଅର୍ଥର ଆବଶ୍ୟକତା ରହିଛି। ରାସ୍ତାଘାଟ, ଆଲୋକ ବ୍ୟବସ୍ଥା, ପାନୀୟ ଜଳ, ସ୍ୱାସ୍ଥ୍ୟ ସେବା ଓ ଅନ୍ୟାନ୍ୟ ସୁବିଧା ପାଇଁ ପୌରପାଳିକା ପରିବର୍ତ୍ତେ ମହାନଗର ନିଗମ ପ୍ରତିଷ୍ଠା କରିବାକୁ ଦାବି କରିଛନ୍ତି। ସରକାର ନିର୍ବାଚନ ପୂର୍ବରୁ ଅନେକ ବ୍ଲକକୁ ଏନ୍‌ଏସି ଓ କିଛି ଏନ୍‌ଏସିଗୁଡ଼ିକୁ ପୌରପାଳିକା ମାନ୍ୟତା ଦେଇଥିବା ଗିରି ପ୍ରକାଶ କରିବା ସହ ସରକାରଙ୍କ ନିଷ୍ପତ୍ତିକୁ ସ୍ୱାଗତ ଜଣାଇଛନ୍ତି। ଖବରଦାତା ସମ୍ମିଳନୀରେ ଜିଲା ଉପସଭାପତି ଗୋପୀନାଥ ପାଢ଼ୀ ଓ ଜିଲା ଗଣମାଧ୍ୟମ ଓ ଯୋଗାଯୋଗ ସେଲ ଅଧ୍ୟକ୍ଷ ବିକାଶ ଦାସ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତୃବୃନ୍ଦ।

